

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 DECEMBER 2023

Vol.No. 34 ■ No. 323■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କଳାଟଙ୍କାକୁ ନେଇ ସାରା ଦେଶରେ ଆନ୍ଦୋଳନ: ଚଢ଼ାଉକୁ ନେଇ ତେଜୁଛି ରାଜନୀତି



ନୂଆଦିଲ୍ଲୀ, ୦୯/୧୨ : କଂଗ୍ରେସର ପୂର୍ବତନ ସାଂସଦ ତଥା ମଦ ବ୍ୟବସାୟୀ ଧିରଜ ସାହୁଙ୍କ ବିଭିନ୍ନ ଠିକଣା ଉପରେ ଆୟକର ବିଭାଗ ଛଡାଉରେ ବର୍ତମାନ ସୁଦ୍ଧା ପାଖାପାଖି ୩୦୦ କୋଟି ନଗଦ ଟଙ୍କା ଜବତ ହୋଇ ସାରିଲାଣି । ଏତେ ମାତ୍ରାରେ କଳାଧନକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା । ଶହ ଶହ କୋଟି ଟଙ୍କାରେ ରାଜନେତାଙ୍କ ସମ୍ପୃକ୍ତି ଅଭିଯୋଗ ପରେ ଏହାକୁ ନେଇ ଆରମ୍ଭ ହୋଇ ଯାଇଛି ରାଜନୀତି । ବିଭିନ୍ନ ସ୍ଥାନରେ ବିଜପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଦିଲ୍ଲୀ, ଜମ୍ମୁ, ରାଜସ୍ଥାନ, ଉତର ପ୍ରଦେଶରେ ବିଜେପି କର୍ମୀ କଳାଟଙ୍କାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଶହ ଶହ କୋଟି ଟଙ୍କାର କଳାଧାନ ଜବତ ହେବା ପରେ ଏହାକୁ ନେଇ ନିଜ ସୋସିଆଲ ମିଡିଆରେ ପ୍ରତିକ୍ରିୟା ରଖିଥିଲେ ପ୍ରଧାନମନ୍ତ୍ରୀ ମୋଦୀ । ଶୁକ୍ରବାର ମୋଦୀ ଟ୍ୱିଟ୍ କରି କହିଥିଲେ, ଯିଏ ଜନତାକୁ ଲୁଟିଛି, ତା'ଠୁ ସବୁ କିଛି ଅସୁଲ୍ ହେବ । ଏହା ମୋଦୀଙ୍କ ଗ୍ୟାରେଂଟି । ଜନତାଙ୍କୁ ବିକାଶର ଗ୍ୟାରେଂଟି ଦେଉଥିବା ପ୍ରଧାନମନ୍ତ୍ରୀ ଏବେ ଦୁର୍ନିତିଗ୍ରସ୍ତ ଲୋକଙ୍କୁଠାରୁ ଗୋଟିଏ ଗୋଟିଏ ପାଉଣା ଅସୁଲ କରିବାର ଗ୍ୟାରେଂଟି ଦେଉଛନ୍ତି । ଝାଡ଼ଖଣ୍ଡରୁ ରାଜ୍ୟସଭାକୁ ଯାଇଥିବା ସାଂସଦ ଧୀରଜ ସାହୁଙ୍କ ୧୦ଟି ଠିକଣାରେ ଆୟକର ରୋଡ୍ । ଏବଂ ରେଡ୍ରୁ ଶହ ଶହ କୋଟି ଟଙ୍କା ଠାବ ହେବା ପରେ ଆକ୍ରମଣାତ୍ମ ଆଭିମୁଖ୍ୟ ଗ୍ରହଣ କରିଛି ଭାରତୀୟ ଜନତା ପାର୍ଟି । ଅନେକ ସମୟରେ ନେତାମାନେ କ୍ଷମତାକୁ ଆସିବା ପାଇଁ ଜନତାଙ୍କୁ ବଡ ବଡ ସ୍ୱପ୍ନ ଦେଖାଇଥାନ୍ତି । ଅନେକ ପ୍ରତିଶ୍ରୁତି ଦେଇଥାନ୍ତି । ହେଲେ ମୋଦୀ ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହା ପୂରଣ କରିଥିବା ଦାବି କରୁଛି ବିଜେପି । ମୋଦୀ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତି ବୋଲି ବିଜେପି ଯୁକ୍ତି ବାଢୁଛି । ମୋଦୀଙ୍କୁ ଭରସା କରୁଛନ୍ତି ଦେଶର ଜନତା । ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ନିର୍ବାଚନରେ ଲୋକେ 'ମୋଦୀ ଗ୍ୟାରେଂଟି'କୁ ଭରସା କରିଛନ୍ତି । ବିକଶିତ ଭାରତର ସଂକଳ୍ପ ଛାଡି 'ମୋଦୀ ଗ୍ୟାରେଂଟି'କୁ ପ୍ରସଙ୍ଗ କରୁଛି ବିଜେପି । ସେପଟେ କଂଗ୍ରେସ କହିଛି ମୋଦୀ ଗ୍ୟାରେଂଟି – ଚାଇନିଜ୍ ଗ୍ୟାରେଂଟି ସହ ସମାନ । ରାଜନୀତିର ଏହି ବୟାନବାଜି ଭିତରେ କିନ୍ତୁ ଝାଡ଼ଖଣ୍ଡ କଂଗ୍ରେସ ରାଜ୍ୟସଭା ସାଂସଦ ଧୀରଜ ସାହୁ ଏବଂ ତାଙ୍କ ସହଯୋଗୀଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ଜାରି ରହିଛି ।

# ଲୋକସଭାରୁ ବହିଷ୍କାର ପରେ ଚର୍ଚ୍ଚାରେ ମହୁଆ ମୋଇତ୍ରା



ନୂଆଦିଲ୍ଲୀ, ୦୯/୧୨ : ଲୋକସଭାରୁ ବହିଷ୍କୃତ ହେବା ପରେ ଚର୍ଚ୍ଚାରେ ଟିଏମସି ସାଂସଦ ମହୁଆ ମୋଇତ୍ରା । ପ୍ରଶ୍ନ ପାଇଁ ଲାଂଚ ମାମଲାରେ ତାଙ୍କୁ ବହିଷ୍କାର କରାଯିବା ଘଟଣା ଜାତୀୟ ରାଜନୀତିରେ ବର୍ତମାନର ସବୁଠୁ ଅଧିକ ଚର୍ଚ୍ଚିତ ବିଷୟ ପାଲଟିଛି । ଆରୋପପ୍ରତ୍ୟାରୋପ ଚାଲିଛି । ଏହା ଭିତରେ ସମସ୍ତଙ୍କ ନଜର ରହିଛି କ'ଣ ରହିବ ମହୁଆ ମୋଇତ୍ରାଙ୍କ ଆଗାମୀ ପଦକ୍ଷେପ । ଏଥିକ୍ସ କମିଟି ରିପୋର୍ଟକୁ ଏକତରଫା ନିଷ୍ପତି କହି ନିଜ ଲଢେଇ ଜାରି ରଖିବେ ବୋଲି କହିସାରିଛନ୍ତି ମହୁଆ । ସେପଟେ ମହୁଆଙ୍କ ନିକଟରେ ଏବେବୀ ଏମିତି କିଛି ବିକଳ୍ପ ରହିଛି ଯାହାଦ୍ୱାରା ସେ ନିଜ ପୂର୍ବ ପଦବୀ ଫେରିପାଇବା ସମ୍ଭାବନା ରହିଛି । ବହିଷ୍କୃତ ହେବା ପରେ ମହୁଆ କହିଥିଲେ ଯେ ତାଙ୍କୁ ୪୯ ବର୍ଷ । ସେ ଆଗାମୀ ୩୦ ବର୍ଷ ପାଇଁ ସଂସଦ ଭିତରେ ଓ ବାହାରେ ଯୁଦ୍ଧ ଜାରି ରଖିବେ । ସେପଟେ ଟିଏମସି ଓ ଅନ୍ୟ ବିରୋଧୀ ଦଳ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଦେଖିବାକୁ ବାକି ରହିଲା ମହୁଆ ନିଜ ମାନ ରଖିବାକୁ ଆଗକୁ ଆଇନ ନା ରାଜନୀତିକୁ ସୁରକ୍ଷା ଅସ୍ତ୍ର ଭାବେ ବ୍ୟବହାର କରିବେ ।

# ଦକ୍ଷିଣ ଗାଜାରେ ଗର୍ଜୁଛି ଇସ୍ରାଏଲ ଟ୍ୟାଙ୍କ : ଲେବାନନରେ ହିଜବୁଲ୍ଲାର ଆଡ୍ଡା ଉପରେ ଆକ୍ରମଣ

ଗାଜା ପଟ୍ଟି/ସଂଯୁକ୍ତ ରାଷ୍ଟ୍ର, ୯/୧୨ : ଗାଜା ପଟ୍ଟିରେ ଯୁଦ୍ଧର ୬୪ତମ ଦିନରେ ଶନିବାର ଇସ୍ରାଏଲ ଟ୍ୟାଙ୍କ, ମିଶାଇଲ ଏବଂ ରକେଟ୍ ଗର୍ଜୁଛି । ଇତିମଧ୍ୟରେ ଇସ୍ରାଏଲ ଯୁଦ୍ଧ ବିମାନ ରାତିତମାମ ଲେବାନନରେ ହିଜବୁଲ୍ଲାର କେତେକ ଆଡ୍ଡା ଉପରେ ଆକ୍ରମଣ କରିଛି । ଇତିମଧ୍ୟରେ ଗାଜା ପଟ୍ଟିରେ ଏହି ଘମାଘୋଟ ଯୁଦ୍ଧକୁ ରୋକିବାକୁ ସଂଯୁକ୍ତ ଆରବ ଏମିରେଟର ପ୍ରୟାସକୁ ଜୋରଦାର୍ ଝଟକା ଲାଗିଛି । ଆମେରିକା ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ଇସ୍ରାଏଲ-ହମାସ ସଂଘର୍ଷ ଉପରେ ତା'ର ପ୍ରସ୍ତାବର ମସୁଧା ଉପରେ ଭୋଟ୍ କରିଛି । ଏହି ପ୍ରସ୍ତାବରେ ଗାଜାରେ ତତ୍କାଳ ମାନବୀୟ ଯୁଦ୍ଧ ବିରତି ଏବଂ ହମାସ୍ ଆତଙ୍କବାଦୀ ସମୂହ ଦ୍ୱାରା ବନ୍ଧକ ଥିବା ସମସ୍ତ ଲୋକଙ୍କୁ ତୁରନ୍ତ ଏବଂ ବିନା ସର୍ତରେ ଖଲାସ ର ଦାବି କରାଯାଇଥିଲା । ଦ ଟାଇମ୍ସ ଅଫ ଇସ୍ରାଏଲ ଅନୁସାରେ, ଗାଜା ପଟ୍ଟିରେ ଇସ୍ରାଏଲର ସୁରକ୍ଷା ବଳ ଏବଂ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ର ଆତଙ୍କବାଦୀଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଜାରି ରହିଛି । ଇସ୍ରାଏଲ ପ୍ରତିରକ୍ଷା ବଳ (ଆଇଡିଏଫ)ର କହିବା ଅନୁଯାୟୀ, ତା'ର ଯୁଦ୍ଧ ବିମାନ ରାତିତମାମ ଲେବାନନରେ ହିଜବୁଲ୍ଲାର କେତେକ ଆଡ୍ଡା ଉପରେ ଆକ୍ରମଣ କରିଛି । ଯେଉଁ ଟାର୍ଗେଟ୍ ଉପରେ ଆକ୍ରମଣ କରାଯାଇଛି, ସେଥିରେ ଇରାନ ସମର୍ଥିତ ଆତଙ୍କବାଦୀ ସମୂହର କେତେକ ପରିଚାଳନା କେନ୍ଦ୍ର ରହିଛି ।

# ୩ ରାଜ୍ୟର କିଏ ଧରିବେ ମଙ୍ଗ, ଖୋଜ ସହ ମାନସମନ୍ବୟ କରୁଛି ବିଜେପି




ନୂଆଦିଲ୍ଲୀ, ୦୯/୧୨ : ମୁଖ୍ୟମନ୍ତ୍ରୀ ଚେହେରା ଭିତରେ ଜାରି ରହିଛି ବିଜେପିର ମାନସମନ୍ବୟ । ରାଜସ୍ଥାନ ପାଇଁ ସବୁଠୁ ଅଧିକ କସରତ କରୁଛି ଦଳ । ସେପଟେ ଚର୍ଚ୍ଚା ସାଉଁଟିଛି ମୁଖ୍ୟମନ୍ତ୍ରୀ ରେସର ଅନ୍ୟତମ ପ୍ରମୁଖ ଦାବିଦାର ବାବା ବାଲକନାଥଙ୍କ ସୋସିଆଲ ମିଡିଆ ପୋଷ୍ଟ । ସୋସିଆଲ ମିଡିଆରେ ପ୍ରଚାର ହେଉଥିବା ଖବରକୁ ଅଣଦେଖା କରିବାକୁ ବାବା ବାଲକନାଥ କହିଛନ୍ତି । ଜଣେ ସାଂସଦ ଓ ବିଧାୟକଭାବେ ଦେଶର ସେବା କରିବାକୁ ମୌକା ମିଳିଛି ଓ ଆଗକୁ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କାମ ଜାରି ରଖିବେ ବୋଲି ପୋଷ୍ଟ କରିଛନ୍ତି । ବାବା ବାଲକନାଥଙ୍କ ସହ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଅର୍ଜୁନ ରାମ ମେଘୱାଲ, ଦୀୟା କୁମାରୀ ଓ ନୂଆ ଚେହେରା ଭାବେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାଁ ଥିବା ଚର୍ଚ୍ଚା ହେଉଛି । ସେପଟେ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ବିଜେପି ୩ରାଜ୍ୟକୁ ୯ଜଣ ପର୍ଯ୍ୟବେକ୍ଷକଙ୍କୁ ପଠାଇଛି । ସୋମବାର ବିଧାୟକ ଦଳ ବୈଠକ ବସିବା ପରେ ମଧ୍ୟପ୍ରଦେଶ ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ଉପରେ ନିଷ୍ପତି ନିଆଯାଇପାରେ ବୋଲି କହିଛନ୍ତି ହରିଆଣା ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ମନହୋର ଲାଲ ଖଟ୍ଟର ।ସେପଟେ ଛତିଡଗଡ ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଉଥିବା

▶▶ପୃଷ୍ଠା ୭

## ମଧ୍ୟପ୍ରଦେଶରେ ଅଭାବନୀୟ ଘଟଣା:

# ବିଜେପିକୁ ଭୋଟ ଦେବାରୁ ଭାଉଜଙ୍କୁ ଦିଅର ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ



ନୂଆଦିଲ୍ଲୀ, ୦୯/୧୨ : ମଧ୍ୟପ୍ରଦେଶରୁ ଆସିଛି ଆଶ୍ଚର୍ଯ୍ୟ କରିବା ଭଳି ଖବର । ବିଜେପିକୁ ଭୋଟ ଦେବାରୁ ଭାଉଜଙ୍କୁ ନିର୍ଧୁମ ପିଟିଲା ଦିଅର । ସେହୋର ସହର ଘଟିଛି ନିର୍ମମ ହତ୍ୟା କାଣ୍ଡ । ଜଣେ ମୁସଲମାନ ସମ୍ପ୍ରଦାୟର ମହିଳା ବିଜେପିକୁ ଭୋଟ ଦେଇଥିଲେ । ଯେଉଁଥିରେ ଉତକ୍ଷିପ୍ତ ହୋଇ ଦିଅର ମାଡ଼ ମାରିଥିଲେ । ସୂଚନା ଅନୁସାରେ ଯେଉଁ ଦିନ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା ସେହିଦିନ ମହିଳା ନିଜ ଝିଅ ସହ ଉତ୍ସବ ମନାଉଥିଲେ । ହଠାତ ଅଭିଯୁକ୍ତ ସେଠାରେ ପହଁଚି ତାଙ୍କୁ ନିର୍ଧୁମ ମାଡ ମାରିଥିଲେ । ତେବେ ପୁଲିସ ତାଙ୍କ ଅଭିଯୋଗ ନଶୁଣିବାରୁ ଶେଷରେ ଜିଲ୍ଲାପାଳଙ୍କୁ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି । ଅନ୍ୟପଟେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଦୁଖ ଜଣାଇବା ସହ ନ୍ୟାୟ ଦାବି କରିଛନ୍ତି ପୀଡିତା ।

# ଚୋରି ବାଇକ ଓ ମୋବାଇଲ ଫେରାଇଲା ପୋଲିସ୍

ଭୁବନେଶ୍ୱର, ୦୯/୧୨ : (ନି.ପ୍ର)୨୭ ଦାମୀ ଚୋରି ବାଇକ ସହ ୮୦ଟି ଦାମୀ ମୋବାଇଲ ଲୋକଙ୍କୁ ଫେରାଇଛି କମିଶନରେଟ ପୋଲିସ । ରାଜଧାନୀର ବିଭିନ୍ନ ଥାନାରେ ଚୋରି ହୋଇଥିବା ନେଇ ପୂର୍ବରୁ ରିପୋର୍ଟ ହୋଇଥିଲା । ପୋଲିସ ଏନେଇ ବିଭିନ୍ନ ସମୟରେ ମାମଲା ରୁଜୁ କରିବା ସହ ତଦନ୍ତ କରି ଚୋରଙ୍କୁ ଗିରଫ କରିଛି । ଏହାସହ ଚୋରି ବାଇକ ଓ ମୋବାଇଲ ଜବତ କରି ମାଲିକଙ୍କୁ ଫେରାଇଛି । ନିଜ ଜିନିଷ ଫେରି ପାରିବା ପରେ ଲୋକେ ଖୁସି ବ୍ୟକ୍ତ କରିଛନ୍ତି । କମିଶନରେଟ ପୋଲିସ ଚଳିତ ବର୍ଷ ପାଖାପାଖି ୮ଶହରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ ଜବତ କରିବା ସହ ଲୋକଙ୍କୁ ଫେରାଇ ସାରିଲାଣି । ସେହିଭଳି ୧୬୭ଟି ଚୋରି ବାଇକ ମଧ୍ୟ ପୋଲିସ ଜବତ କରି ଫେରାଇଛି । ତେବେ ପୋଲିସ କମିଶନରଙ୍କ କହିବା କଥା, ଚଳିତବର୍ଷ ସର୍ବାଧିକ ଚୋରି ବାଇକ୍ ଓ ମୋବାଇଲ ଜବତ୍ କରାଯାଇଛି ।

# ମଦ ବ୍ୟବସାୟୀଙ୍କ ପାଖରୁ ଜବତ ଟଙ୍କାର ବିଚାରବିଭାଗୀୟ ତଦନ୍ତ ଦାବି କଲା କଂଗ୍ରେସ : ରାଜ୍ୟ ସରକାର ଏସଆଇଟି ଗଠନ କରନ୍ତୁ

ଭୁବନେଶ୍ୱର, ୦୯ ଡିସେମ୍ବର - ଓଡ଼ିଶାର ମଦବ୍ୟବସାୟୀ ରାଜକିଶୋର ସାହୁ, ଦେବରାଜ ସାହୁ, ବଳଦେବ ସାହୁ ଆଣ୍ଡ ସନ୍ସ, କାମେଶ୍ୱର ତିୱାରୀ, ରାଜକିଶୋର ଜୟସୁଆଲ ଓ ଅନ୍ୟମାନଙ୍କ ମଦ କାରଖାନା ଉପରେ ଚଢ଼ାଉ ଜାରି ରହିଛି । ଏହି କଳାଟଙ୍କାର ପ୍ରକୃତ ଉତ୍ସ କଣ ଏବଂ କିଭଳି ଏତେଗୁଡ଼ିଏ କଳାଟଙ୍କା ଏହି ମଦବ୍ୟବସାୟୀମାନେ କାହିଁକି ଠୁଳ କରିଥିଲେ ? ଏହାର ସତ୍ୟାସତ୍ୟ ରାଜ୍ୟବାସୀଙ୍କୁ ଜଣାଯାଉ । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି କହିଲେଯେ ଯଦି ପ୍ରକୃତରେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କର ଆୟକର ବିଭାଗ ରାଜ୍ୟବାସୀଙ୍କୁ ଏହାର ସଂପୂର୍ଣ୍ଣ ତଥ୍ୟ ତଥା ଏ କଳାଟଙ୍କାର ଉତ୍ସକୁ ଖୁଲାସା କରିବାକୁ ଚାହୁଁଛନ୍ତି ତାହାଲେ ତୁରନ୍ତ ରାଜ୍ୟ ସରକାର ଏକ ଏସଆଇଟି ଗଠନ କରନ୍ତୁ ଏବଂ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ । ସେ ଅଭିଯୋଗ କରିଛନ୍ତି ଯେ ସବୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବୁଝାମଣା ଭିତିରେ ଏ କାରବାର ଚାଲିଛି । ଏ ଟଙ୍କା ଗୁଡ଼ିକ ମଦବ୍ୟବସାୟୀଙ୍କ ମାଧ୍ୟମରେ ନିର୍ବାଚନ ଚାଲିଥିବା ରାଜ୍ୟମାନଙ୍କୁ ପଠାଇବା ପାଇଁ କୌଣସି ରାଜନୈତିକ ଦଳ ରଖିଥିଲାକି ? ଏହି ଘଟଣାଉପରେ ସାମାଜିକ ଗଣମାଧ୍ୟମ ଟୁଇଟର/ ଏକ୍ସ ପ୍ରଧାନମନ୍ତ୍ରୀ ଏସବୁ ଲୁଟ ପଇସା ଫେରାଇବାକୁ ହେବ । ଏହା ମୋଦି ଗ୍ୟାରେଂଟି ବୋଲି ଲେଖିଛନ୍ତି । କିନ୍ତୁ ଶ୍ରୀ ମହାନ୍ତି ପ୍ରଧାନମନ୍ତ୍ରୀଙ୍କର ଦୁର୍ନୀତିକୁ ବିଲୋପ କରିବାପାଇଁ ଉଦ୍ୟମକୁ ପ୍ରଶଂସା କରିବା ସହିତ ମନେପକାଇ ଦେଇ କହିଛନ୍ତି ଯେ ୩୮ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଭାରତୀୟ ବ୍ୟାଙ୍କ ମାନଙ୍କରୁ ୧୦ ଟ୍ରିଲିୟନରୁ ଅଧିକ ଅର୍ଥ ଲୁଟ କରି ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ଦେଶଛାଡ଼ି ଚାଲିଯାଇଛନ୍ତି । ପ୍ରମୁଖ ଲୁଟେରାମାନେ ବିଜୟ ମାଲ୍ୟା, ମେହେଲୁ ଚୋକ୍ସି, ନିରବ ମୋଦି, ନିଶାନ ମୋଦି, ମୟୁରବେନ ପଟେଲ, ବର୍ଷେକାର୍ଲରା, ସଂଜୟ କାର୍ଲରା, ରିତେଶ ଜେନ, ଜତୀନ ମେହେଟା, ଚେତନ ଜୟନ୍ତୀଲାଲ, ସଂଜୟ ଭଣ୍ଡାରୀ ଓ ଅନ୍ୟମାନେ ଯେଉଁମାନେକି ପ୍ରଧାନମନ୍ତ୍ରୀଙ୍କର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଅଟନ୍ତି । ଆଜି ପର୍ଯ୍ୟନ୍ତ ଏହିସବୁ ଦେଶରୁ ପଳାୟନ କାରି ଲୁଟେରାଙ୍କ ପାଖରୁ ଲୁଟ ଟଙ୍କାରୁ କେତେ ଟଙ୍କା ଆଦାୟ କରାଗଲା ଏବଂ ତାଙ୍କର ସମ୍ପତି ବାଜ୍ୟାପ୍ତକରି କେତେଟଙ୍କା ରାଜକୋଷକୁ ଆସିଲା ତାର ଆଜିପର୍ଯ୍ୟନ୍ତ

▶▶ପୃଷ୍ଠା ୭

# ସାମ୍ନାକୁ ଆସିଲା ଅଯୋଧ୍ୟା ରାମମନ୍ଦିର ଗର୍ଭଗୃହର ପ୍ରଥମ ଦୃଶ୍ୟ



ନୂଆଦିଲ୍ଲୀ, ୦୯/୧୨ : ସାମ୍ନାକୁ ଆସିଲା ଅଯୋଧ୍ୟା ରାମ ମନ୍ଦିର ଗର୍ଭଗୃହର ପ୍ରଥମ ଫଟୋ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦୁଇଟି ଫଟୋରେ ପ୍ରଭୁ ରାମଲାଲା ବିରାଜମାନ ହେବାକୁ ଥିବା ସିଂହାସନ ସମେତ ଗର୍ଭଗୃହ ଭିତରର ସୁନ୍ଦର କାରୁକାର୍ଯ୍ୟ ଦେଖିବାକୁ ମିଳିଛି । ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ବୋର୍ଡର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏହି ଦୁଇଟି ଫଟୋକୁ ନିଜ ସୋସିଆଲ ମିଡିଆ ଆକାଉଂଟରେ ସେୟାର କରିଛନ୍ତି । ଜାନୁଆରୀ ୨୨ରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ, ଏଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି ।

# ଆଇଏମଏ ରାଷ୍ଟ୍ରକୁ ହସ୍ତାନ୍ତର କଲା ୩୪୩ ସୈନ୍ୟ ଅଧିକାରୀ

ଡେରାଡୁନ, ୯ /୧୨ : ଭାରତୀୟ ସୈନ୍ୟ ଏକାଡ଼େମୀ (ଆଇଏମଏ)ରୁ ଶନିବାର ୩୭୨ କ୍ୟାଡେଟ ପାସ୍ ଆଉଟ୍ ହୋଇଛନ୍ତି । ଏଥିରେ ୩୪୩ ଜଣ ସୈନ୍ୟ ଅଧିକାରୀ ଭାରତୀୟ ସେନାରେ ଯୋଗ ଦେଇଛନ୍ତି । ୧୨ ମିତ୍ର ଦେଶର ୨୯ କ୍ୟାଡେଟ୍ ପାସ୍ ଆଉଟ୍ ହୋଇଛନ୍ତି । ପାସିଙ୍ଗ ଆଉଟ୍ ପ୍ୟାରେଡର ସଲାମୀ ଗ୍ରହଣ କରିଥିଲେ ଶ୍ରୀଲଙ୍କାର ସିଡିଏସ ଜନରଲ ଡଃ. ଶିବେନ୍ଦ୍ର ସିଲଭା । ପାସିଙ୍ଗ ଆଉଟ୍ ପ୍ୟାରେଡକୁ ଦୃଷ୍ଟିରେ ରଖି ଏକାଡ଼େମୀର ଆଖପାଖରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ପ୍ୟାରେଡ଼ରେ ଅଂଶଗ୍ରହଣକାରୀ ଆତ୍ମବିଶ୍ୱାସ ଓ ଉତ୍ସାହର ସହିତ ଲବରେଜ ଜେଂଟେଲମେନ କ୍ୟାଡେଟସ୍ ଭାରତୀୟ ସୈନ୍ୟ ଏକାଡ଼େମୀର ଐତିହାସିକ ଚେଟବୁଡ ଭବନ ସମ୍ମୁଖରେ ଡ୍ରିଲ୍ ସ୍କୋୟରରେ ସକାଳ ୯ଟାରେ ପହଂଚି ଥିଲେ । ଏହାପରେ ପ୍ୟାରେଡ୍ ସ୍ଥଳକୁ ଆଇଏମଏ ର ନିଶାନ ଅଣାଯାଇଥିଲା । ନିରୀକ୍ଷଣ ଅଧିକାରୀ ଶ୍ରୀଲଙ୍କାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜନରଲ ଡଃ. ଶିବେନ୍ଦ୍ର ସିଲଭା ଶୌର୍ଯ୍ୟ ମାର୍ଗରୁ ପ୍ୟାରେଡ୍ ସ୍ଥଳରେ ପହଂଚି ସଲାମୀ ନେଇଥିଲେ । ଏହାପରେ ନିରୀକ୍ଷଣ ଅଧିକାରୀ ପୂର୍ବାହ୍ନ ୯ଟା ୪ ରେ ପ୍ୟାରେଡ୍ ର ନିରୀକ୍ଷଣ କରିଥିଲେ । ତାଙ୍କ ସହିତ ଆଜିର ପ୍ୟାରେଡ୍ କମାଣ୍ଡର ମୋହିତ ବେନବାଲ ଉପସ୍ଥିତ ଥିଲେ । ପ୍ୟାରେଡ୍ ରେ ସାମିଲ୍ ହୋଇଥିବା କ୍ୟାଡେଟମାନେ ବିଜୟ ଭାରତ ଧୁନ୍ ରେ ମାର୍ଚ୍ଚ କରିଥିଲେ ।

# ପାଟଣାଗଡରେ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର : ବିଧାୟକଙ୍କ ଦ୍ୱାରା ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ

ବଲାଙ୍ଗୀର,୦୯/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡର ପାଟଣେଶ୍ୱରି ମନ୍ଦିର ନିକଟସ୍ଥ ପାଟଣେଶ୍ୱରି ଉତ୍ସବ ଭବନ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀର ତରଫରୁ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଅଧ୍ୟକ୍ଷତା କରିଥିବା ବେଳେ ମଂଚ ପରିଚାଳନା କରିଥିଲେ ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଉପମୁଖ୍ୟ ସଚେତକ ସରୋଜ ମେହେର ଉପସ୍ଥିତ ଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜୁ କନ୍ୟା ରତ୍ନ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ । ଏହି ଅବସରରେ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ମାନସୀ ବିଶ୍ୱାଳ, ଜିଲ୍ଲା ପରିଷଦର ସଭ୍ୟ କସ୍ତୁରୀ ସେଠ୍, ସିଡିପିଓ ଅନୁପମା ପଣ୍ଡା, ଶିଶୁ ମଙ୍ଗଳ ସମିତି ସଦସ୍ୟା ଲୀନା ବାବୁ, ସଦସ୍ୟ ସୀତାରାମ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ପୋଷ୍ୟ ସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ଶିଶୁ ଗୃହ ଉପରେ ଆଲୋକପାତ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପୃଷ୍ଠପୋଷକତା ସହାୟତା ରାଶି, ଫୋଷ୍ଟର୍ କେୟାର ମିଶନ୍ ବାତ୍ସଲ୍ୟ, ଜିପିଡିପିର ବାର୍ଷିକ ଯୋଜନାରେ ୫ ପ୍ରତିଶତ ଅନୁଦାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଶିଶୁ ମାନଙ୍କ ଯତ୍ନ ନିମନ୍ତେ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ । ସେହିପରି ଆଶୀର୍ବାଦ, ସୁକନ୍ୟା, ବେଟି ବାଚାଓ ବେଟି ପଢାଓ ଯୋଜନା ଉପରେ ଅତିଥି ମାନେ ବୁଝାଇ ଥିଲେ । ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ବିଜୁ କନ୍ୟା ରତ୍ନ ଯୋଜନା ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକର ଅଙ୍ଗନୱାଡ଼ି କର୍ମୀ, ସୁପର ଭାଇଜର, ବ୍ଲକ କର୍ମଚାରୀ ଉପସ୍ଥିତ ଥିବା ବେଳେ ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ସାଂନ୍ଧ୍ୟ ମହାବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ ପାଳନ

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ତିନିମୁହାଣୀ ନିକଟସ୍ଥ ସଂନ୍ଧ୍ୟା ମହାବିଦ୍ୟାଳୟ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧିନରେ(ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ) ସଡ଼କ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରା ବାହାର କରି କଲେଜ ପରିସରରୁ ବାହାରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ହାତରେ ପ୍ଲାକାର୍ଡ଼ ଧରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ । କଲେଜର ସଂଯୋଜକ ଶୁଭାଶିଷ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମନୋଜ କୁମାର ଜେନା, ସୁଧାଂଶୁ ଭୂଷଣ ସାହୁ, ଅର୍ଚ୍ଚନା ପଣ୍ଡା, ଅନୁସୟା ନାୟକ, ଅତସୀ ଜେନା, ମାନସୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଆସନ୍ତା ୧୧ ତାରିଖରୁ ଏଏନଏମ, ଜିଏନଏମ ପରୀକ୍ଷା : ସେଂଟର ସମୀକ୍ଷା କଲେ ଉପ ଜିଲ୍ଲାପାଳ

ଜୟପୁର,୦୯/୧୨ (ନି.ପ୍ର): ଆସନ୍ତା ୧୧ ତାରିଖରୁ ଏଏନଏମ ଓ ଜିଏନଏମ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ଜୟପୁରରେ ମୋଡେଷ୍ଟ ଇଂଲିସ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି । ଆଜି ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ପରୀକ୍ଷା କେନ୍ଦ୍ର ସମିକ୍ଷା କରିଛନ୍ତି । ଆସନ୍ତା ୧୧ ତାରିଖରୁ ୧୯ ତାରିଖ ଯାଏ ପରୀକ୍ଷା ହେବ । ୨ଟି ସିଟିଙ୍ଗରେ ପରୀକ୍ଷା ହେବ । ସକାଳ ୧୦ଟା ଠାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୨ ଟାରୁ ୫ଟା ପରୀକ୍ଷା ହେବ । ଉପ ଜିଲାପାଳଙ୍କ ତତ୍ୱାବଧାନରେ ପରୀକ୍ଷା ହେବ । ଏନେଇ ଆଜି ଉପ ଜିଲାପାଳ ଶ୍ରୀ ପରିଡା ପରୀକ୍ଷା କେନ୍ଦ୍ର ସମିକ୍ଷା କରିଛନ୍ତି । କ୍ଲାସ ରୁମ, ବେଂଚ, ପିଇବା ପାଣି, ଟୟଲେଟ, ଭିନ୍ନକ୍ଷମଙ୍କ ପାଇଁ ସୁବିଧା ଆଦି ଦେଖିଥିବା ଜଣାଯାଇଛି । ଉପ ଜିଲାପାଳ ଶ୍ରୀ ପରିଡାଙ୍କ ସହ ଡେପୁଟି କଲେକ୍ଟର ବାବୁ ଲାଲ ସାମଲ ଉପସ୍ଥିତ ଥିଲେ ।

# ଅଗ୍ନି-୨ର ବ୍ୟବହାରିକ ପରୀକ୍ଷଣ, ପଡୋଶୀ ରାଷ୍ଟ୍ର ପାକିସ୍ତାନ ତଥା ଚାଇନାକୁ ସହଜରେ ଲକ୍ଷ୍ୟଭେଦ କରିପାରିବ

ଭଦ୍ରକ,୦୯/୧୨ (ନି.ପ୍ର): ଏହି ଜିଲାର ଧାମରା କଲାମ ଘାଟିରୁ ଆଜି ରାତ୍ର ୭/୧୫ ରେ ଅଗ୍ନି-୨ର ବ୍ୟବହାରିକ ପରୀକ୍ଷଣ ହୋଇଯାଇଛି । ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଶ୍ରେଣୀରେ ଅର୍ନ୍ତଭୁକ୍ତ ଏହି କ୍ଷେପଣାସ୍ତ୍ର ର ଲମ୍ବ ୨୧ମିଟର,ଓସାର ୧.୩ମିଟର ହୋଇଥିବା ବେଳେ ଏହାର ଓଜନ ୧୬ହଜାର କିଲୋଗ୍ରାମ । ଏହି କ୍ଷେପଣାସ୍ତ୍ର ଓାର ହେଡ କ୍ଷମତା ୧୫କିଲୋଟନରୁ ଆରମ୍ଭ କରି ୨୫୦କିଲୋଟନ ଥିବା ବେଳେ ଏହାର ଇଞ୍ଜିନ ୨.୫ଷ୍ଟେଜ ବିଶିଷ୍ଟ କଠିନ ପ୍ରୋପେଲେଂଟ । ଏହାର ଲକ୍ଷ୍ୟଭେଦ କ୍ଷମତା ୨ହଜାର କି.ମିରୁ ଆରମ୍ଭ ହୋଇ ୩ହଜାର କି.ମି ପର୍ଯ୍ୟନ୍ତ ବୋଲି ପ୍ରତିରକ୍ଷା ବିଭାଗ ନିକଟରୁ ପ୍ରକାଶ ଏବଂ ଏହାର ଗତି ସେକେଣ୍ଡ ପିଛା ୩.୯କି.ମି । ଏହି ଅଗ୍ନି-୨ କ୍ଷେପଣାସ୍ତ୍ର ଯେ କୌଣସି ରେଳ ମୋବାଇଲ ଲଂଚରରୁ ପରୀକ୍ଷଣ କରାଯାଇ ପାରିବାର କ୍ଷମତା ବହନ କରୁଥିବା ବେଳେ ଏହି କ୍ଷେପଣାସ୍ତ୍ର ୩୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ଏବଂ ଏହା ଭାରତ ଡାଇନାମିକ ଲିମିଟେଡ ଦ୍ୱାର ପ୍ରସ୍ତୁତ । ଏହି କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ୧ଏପ୍ରିଲ ୧୯୯୯ ମସିହାରେ ଆରମ୍ଭ ହୋଇଥିବା ବେଳେ ସେହି ସମୟରେ ଏହାର ଲକ୍ଷ୍ୟଭେଦ ପରିସୀମା ୨୧ଶହ କିମି ଥିଲା,୨ୟ ପରୀକ୍ଷଣ ୧୭ ଜାନୁଆରୀ ୨୦୦୧,୩ୟ ପରୀକ୍ଷଣ ୧୯ମଇ ୨୦୦୯,୪ର୍ଥ ୧୭ମଇ ୨୦୧୦,୫ମ ପରୀକ୍ଷଣ ୩୦ସେପ୍ଟେମ୍ବର ୨୦୧୧,୬ଷ୍ଠ ପରୀକ୍ଷଣ ୯ଅଗଷ୍ଟ ୨୦୧୨, ୭ମ ତଥା ଶେଷ ପରୀକ୍ଷଣ ୭ ଏପ୍ରିଲ ୨୦୧୩ରେ ଏବଂ ଶେଷ ପରୀକ୍ଷଣ ୪ମେ ୨୦୧୭ ହୋଇଥିଲା । ଆଜି ରାତ୍ର ୭।୧୫ ମିନିଟ ସମୟରେ ହୋଇଥିବା ବେଳେ ଏହା ପଡୋଶୀ ପାକିସ୍ଥାନ ଏବଂ, ଦକ୍ଷିଣପୂର୍ବ ଚାଇନାକୁ ସହଜରେ ଲକ୍ଷ୍ୟଭେଦ କରିପାରିବ ବୋଲି ପ୍ରତିରକ୍ଷା ବୈଜ୍ଞାନିକଙ୍କ ଠାରୁ ପ୍ରକାଶ । ଆଜିର ଏହି ପରୀକ୍ଷଣ ସମୟରେ ହାଇଦ୍ରାବାଦରୁ ଆସିଥିବା ଷ୍ଟ୍ରାଟେଜିକ କମାଣ୍ଡୋଙ୍କ ସହ ଚାନ୍ଦିପୁର ଆଇଟିଆର ବହୁ ବୈଜ୍ଞାନିକ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ଯୁବ ରେଡକ୍ରସ ଶିବିର ଉଦଯାପିତ

## ଯୁବ ରେଡକ୍ରସ ଶୃଙ୍ଖଳିତ ସ୍ୱେଚ୍ଛାସେବୀ ଗଠନ କରିଥାଏ



ବସ୍ତା : ୯/୧୨ (ନିପ୍ର) : ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ଶିବିର ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ରମେଶ ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରାମଚନ୍ଦ୍ର ସାହୁ, ବାଲେଶ୍ୱର ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ସୁଧୀର କୁମାର ମୁଦୁଲି ଓ ଅଧ୍ୟାପକ ଚନ୍ଦନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଯୁବ ରେଡକ୍ରସ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ସେବା ମନୋଭାବ ସୃଷ୍ଟି କରିବା ସହ ଜଣେ ଶୃଙ୍ଖଳିତ ସ୍ୱେଚ୍ଛାସେବୀ ହେବାରେ ସହାୟକ ହୋଇଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି ।

ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଶ୍ରବଣ ନାୟକ ଶିବିର ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟ ନୋଡାଲ ଅଫିସର ତଥା ଉପସଚିବ ଡ଼ଃ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ଯୁବ ରେଡକ୍ରସ ଚେୟାରମ୍ୟାନ ଡ଼ଃ ଦିଲ୍ଲିପ କୁମାର ଘୋଷ, ଜିଲ୍ଲା ଯୁବ ରେଡକ୍ରସ କନଭେନର ଡ଼ଃ ବିଭୁଦତ୍ତ ବେହେରା ଓ ସହକାରୀ ପ୍ରାଧ୍ୟାପକ ମାନସ କୁମାର ମିଶ୍ର ପ୍ରମୁଖ ଶିବିର ପରିଦର୍ଶନରେ ଆସି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶ୍ରେଷ୍ଠ କାଉନସେଲର ଭାବେ ମଧୁସ୍ମାତା ମହାନ୍ତି, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଇତିଶ୍ରୀ ଷଡ଼ଙ୍ଗୀ ଓ କେଦାର ନାଥ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଶିବିରରେ ବାଲେଶ୍ୱର ଜିଲ୍ଲାରୁ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୨୬ ଜଣ କାଉନସେଲର ଯୋଗଦେଇଥିଲେ । ପ୍ରାଥମିକ ଚିକିତ୍ସା, ଏଚଆଇଭି/ ଏଡ଼ସ, ସ୍ୱେଚ୍ଛା ରକ୍ତଦାନ, ସଡ଼କ ସୁରକ୍ଷା ଓ ନିରାପତ୍ତା, ଯୁବ ରେଡକ୍ରସର ମୌଳିକ ନୀତି ଓ ବିପର୍ଯ୍ୟୟ ପରିଚଳନା ପ୍ରଭୃତି ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗୀତା, ପ୍ରବନ୍ଧ ଲିଖନ, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ଜେନା, ଅଧ୍ୟାପିକା ଇତିଶ୍ରୀ ମହାନ୍ତ, ଅଧ୍ୟାପକ ଶମ୍ଭୁନାଥ ଗିରି ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ଯଜ୍ଞେଶ୍ୱର ଗିରି, ଜ୍ୟୋତିରଞ୍ଜନ ବର, ମନ୍ମଥ ଦଳେଇ, ବିକାଶ କୁମାର ମହାପାତ୍ର, ସାବିତ୍ରୀ ସେନାପତି, ଦୀପକ ସେଠୀ ଓ ଶୁଭସ୍ମିତା ରାଜ ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଅଂଶଗ୍ରହଣ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିବା ବେଳେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । ଶେଷରେ ଯୁବ ରେଡକ୍ରସ କାଉନସେଲର ଅନ୍ନପୂର୍ଣ୍ଣକ୍ଷ ରଣା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭବାନୀପାଟଣା ଠାରେ ନୂତନ ଉନ୍ନତ ଅଭିଳାଷ ଓଡିଶା ଯୋଜନା ଶୁଭାରମ୍ଭ

ଭବାନୀପାଟଣା,୦୯/୧୨ (ନି.ପ୍ର): ଆଜି ଭବାନୀପାଟଣା ମୁଖ୍ୟାଳୟର ଅଶ୍ୱାନ ସଭାଗୃହରେ ନୂଆ (ନୂତନ ଉନ୍ନତ ଅଭିଳାଷା) ଓଡିଶା ଯୋଜନାର ଶୁଭାରମ୍ଭ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାର ଶୁଭାରମ୍ଭ ଭୁବନେଶ୍ୱରରୁ ମନ୍ତ୍ରୀ ଦକ୍ଷତା ବିକାଶ ପ୍ରୀତି ରଞ୍ଜନ ଘଡ଼ାଇଙ୍କ ଦ୍ୱାରା ଭିଡ଼ିଓ କନଫରେନସିଙ୍ଗ ମାଧ୍ୟମରେ କରାଯାଇଥିଲା । ଏଥିରେ ଦକ୍ଷତା ବିକାଶ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ନିର୍ଦ୍ଦେଶକ ରେଘୁ ଜି ଏବଂ ଦକ୍ଷତା ବିକାଶ ବିଭାଗର ଅନ୍ୟାନ୍ୟ କର୍ମକର୍ତା ମାନେ ଯୋଗ ଦେଇଥିଲେ । ଏହି ଯୋଜନା ମାଧ୍ୟମରେ ୧ ଲକ୍ଷ ଯୁବକ ଯୁବତୀ ମାନଙ୍କୁ ଅତ୍ୟାଧୁନିକ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ନିଯୁକ୍ତିକ୍ଷମ କରାଇବାର ଲକ୍ଷ୍ୟ ରଖାଯାଇଛି । ଏହା ବ୍ୟତୀତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁଡିକର ରୂପରେଖ ପ୍ରସ୍ତୁତି ପାଇଁ ଜିଲ୍ଲା ମାନଙ୍କୁ ନୂଆ ଓଡିଶାରେ କ୍ଷମତା ପ୍ରଦାନ କରାଯାଇଛି । ଏଥିରେ କଳାହାଣ୍ଡି ଜିଲ୍ଲାରେ ବେଦାନ୍ତ ଆଲୁମିନା ସହଭାଗିତାରେ ଚଳିତ ଆର୍ଥିକ ବର୍ଷରେ ୧୫୦ ଜଣ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତିଭିତିକ ତାଲିମ୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, କଳାହାଣ୍ଡି ଜିଲ୍ଲାର ଆଗାମୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଦିଶାନିର୍ଦ୍ଦେଶ ବିଷୟରେ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ହୋଇଥିଲା । ଏଥିରେ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଅଜିତ କୁମାର ଉତରାୟ, ସରକାରୀ ପଲିଟେକ୍ନିକ ର ଅଧ୍ୟକ୍ଷ ଅମୁଲ୍ୟ ପଣ୍ଡା, ସୁଯୋଗ୍ୟ ମିଶ୍ର, ବେଦାନ୍ତ ତରଫରୁ ଶିଶିର ତରଫଦର, ଅଭିନୟ ପ୍ରତାପ ଓ ୫୦ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସ୍ୱାକ୍ଷରତା ଅଭିଯାନ

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ ଆଧାରରେ ସ୍ୱାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱାକ୍ଷରତା ଅଭିଯାନ ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ପ୍ରମିଳାରାଣୀ ବେହେରା, କେନ୍ଦ୍ରାପଡ଼ା ପୌରପାଳିକାର ପାରିଷଦ ଶ୍ରୀ ଚୌଧୁରୀ ସୁକୁମାର ଦାସ ଓ ଶ୍ରୀ ଉମେଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟର ନୂଆ-ଓ କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ, ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ଏବଂ ସାମାଜିକ ସଚେତନତା ବିଭାଗର ଅଧ୍ୟାପିକା ବନ୍ୟା ବେହେରା ଓ ଅଧ୍ୟାପିକା ପ୍ରଭାସିନି ଜେନାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଉଭୟ +୨ ଓ +୩ ଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ସାକ୍ଷରତା ସଚେତନତା ସମ୍ପର୍କୀୟ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଅଯୋଧ୍ୟାନଗର ଗ୍ରାମ ପରିକ୍ରମା କରିଥିଲା । ପରିକ୍ରମା ସମୟରେ ଅଯୋଧ୍ୟାନଗର ଗ୍ରାମର ଆର୍ଥିକ ଅନଗ୍ରସର ଶ୍ରେଣୀର ଚାଳିଶ ଜଣ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିବା ସହିତ ପିଲାମାନଙ୍କର ପାଠପଢା ପ୍ରତି ଅଧିକ ଧ୍ୟାନ ଦେବାକୁ ସେମାନଙ୍କର ଅଭିଭାବକମାନଙ୍କୁ ମହାବିଦ୍ୟାଳୟର ଛାତ୍ରୀମାନେ ପରାମର୍ଶ ଦେଇଥିଲେ । ଏହି ସାକ୍ଷରତା ଅଭିଯାନ ଶୋଭାଯାତ୍ରାକୁ ଅଧ୍ୟାପକ ରଞ୍ଜିତ୍ ଦାସ, ଅଧ୍ୟାପିକା ସୁଭଦ୍ରା ସାମଲ, ଅଧ୍ୟାପକ ମନୋରଞ୍ଜନ ସ୍ୱାଇଁ , ଶ୍ରୀମତୀ ମୋନାଲିସା ସାହୁ, ଶ୍ରୀମତୀ ବର୍ଷାରାଣୀ ଜେନା ପରିଚାଳନା କରିଥିଲେ ।

## ଭାରତୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୦୯/୧୨ (ନି.ପ୍ର): ଭାରତୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ମହା ଆଡ଼ମ୍ବରରେ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡ଼ାର ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ଶୁଭଙ୍କର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ସ୍କୁଲର ଶହ ଶହ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ପରାମର୍ଶ ଦେଇଥିଲେ । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ଥିଲା । ବିଦ୍ୟାଳୟର ସଭାପତି ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତଥା ବରିଷ୍ଠ ଆଇନଜୀବି ଶାନ୍ତି ସ୍ୱରୂପ ଭୂୟାଁ, ସଦସ୍ୟା ଶ୍ରୀମତୀ ପ୍ରଣତୀ ବିଶ୍ୱାଳ, ପ୍ରଧାନ ଆଚାର୍ଯ୍ୟା ବିଜୟିନୀ ଦାଶ ଉତ୍ସବରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପ୍ରତ୍ୟେକ କ୍ରୀଡ଼ାରେ ଅଂଶଗ୍ରହଣ କରି ସଫଳତା ପାଇବାକୁ ଆହ୍ୱାନ ଦେଇଥିଲେ । ରମାକାନ୍ତ ତ୍ରିପାଠୀ, ସ୍ମୃତିବାଳା ଶୁଭଦର୍ଶିନୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁରେନ୍ଦ୍ର କୁମାର ପତି, ଜୟଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଚନ୍ଦନର୍ଚ୍ଚିତ ମହାପାତ୍ର, ପର୍ଶୁରାମ ଦାସ, ଅଲେଖ ପାତ୍ର, ସତ୍ୟବାଦୀ ରଥ, ହଳଧର ସେଠୀ, ଶରତ ଚନ୍ଦ୍ର ନାଥ ପ୍ରମୁଖ ସହଯୋଗ କରିଥିଲେ ।

# ଶିବତଲାରେ ନୂଆ-ଓ 'ଯୁବ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ବଲାଙ୍ଗିର,୦୯/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲା ଠାରେ ୬ଦିନ ବ୍ୟାପି ନୂଆ-ଓ 'ଯୁବ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କୃପାସିନ୍ଧୁ ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସଭାରେ ବିଶିଷ୍ଟ କ୍ରିକେଟ୍ କୋଚ୍ ଅରୁଣ କୁମାର ନାୟକ ମୂଖ୍ୟଅତିଥି ଭାବେ ଯୋଗଦାନ କରି ଧ୍ୱଜା ଉତୋଳନ ଥିଲେ । କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମଗ୍ରିକ ବିକାଶକୁ ଗୁରୁତ୍ୱ ପ୍ରଦାନ କରିବା ପାଇଁ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିବତଲା ପଂଚାୟତର ନାଏବ୍ ସରପଂଚ ନିରଂଜନ ମେହେର ଯୋଗଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଯୋଷୀ ମଣିଷର ଶୃଙ୍ଖଳିତ ଜୀବନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଉଦ୍ଘାଟନୀ ଦିବସରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ୧୦୦ ମିଟର ଦୌଡ଼ (ବାଳିକା)ରେ ଗାୟତ୍ରୀ ଗଡ଼ତିଆ ୧ମ, ଶିଖା ମଲ୍ଲିକ ୨ୟ, ଝରଣା ଜାଲ ୩ୟ ସ୍ଥାନ ଏବଂ ୧୦୦ ମିଟର ଦୌଡ଼ (ବାଳକ)ରେ ରାକେଶ ଭୋଇ ୧ମ, ରିଙ୍କୁ ରଣା ୨ୟ, ବାଦଲ ପାଣ୍ଡେ ୩ୟ ସ୍ଥାନ ଅଧିକାର କରିଥିଲେ । ୨୦୦ ମିଟର ଦୌଡ଼ (ବାଳିକା)ରେ ପ୍ରଣତୀ ଦନ୍ତା ୧ମ, ତୃପ୍ତି ସାହୁ ୨ୟ, ଝରଣା ଜାଲ ୩ୟ ସ୍ଥାନ ଏବଂ ୨୦୦ ମିଟର ଦୌଡ଼ (ବାଳକ)ରେ ଅଙ୍କିତ ମାଝୀ ୧ମ, ସୁଧାଂଶୁ ଦନ୍ତା ୨ୟ, ରାଜୁ ନାୟକ ୩ୟ ସ୍ଥାନ ଅଧିକାର କରିଥିଲେ । ୪୦୦ ମିଟର ଦୌଡ଼ (ବାଳକ)ରେ ସୁମନ୍ତ ଧରୁଆ୧ମ, ରିଙ୍କୁ ବଗର୍ତୀ୨ୟ, ଅଙ୍କିତ ମାଝୀ ୩ୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଡ଼ିସକସ୍ ଥ୍ରୋ (ବାଳିକା)ରେ ନମୀତା ରଣା ୧ମ, ମିଥିଲା ଭୋଇ ୨ୟ ଓ ଲିଲି ମନହୀରା ୩ୟ ସ୍ଥାନ ଅଧିକାର କରିଥିଲେ । ସଟ୍ ଫୁଟ୍ (ବାଳିକା)ରେ ନମୀତା ରଣା ୧ମ, ଲିଲି ମନହୀରା ୨ୟ, ଗୀତାଂଜଳି ରଣା ୩ୟ ଏବଂ ସଟ୍ ଫୁଟ୍ (ବାଳକ)ରେ ହେମନ୍ତ କୁମ୍ଭାର ୧ମ, ସାହିଲ ନାୟକ ୨ୟ ଏବଂ ଇତୁ ମାଝୀ ୩ୟ ସ୍ଥାନ ଅଧିକାର କରିଥିଲେ । ଆଜିର କ୍ରୀଡ଼ା ପ୍ରତିଯୋଗିତାକୁ ଶିବତଲା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଜୀବାନନ୍ଦ ସାହୁ ଏବଂ ରାଜୀବ ବେହେରା ପରିଚାଳକା କରିଥିବା ବେଳେ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ । ଉଦ୍ଘାଟନୀ ସଭାକୁ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ତଥା ଅଧ୍ୟାପକ ବିକାଶ ରଂଜନ ଜେନା ସଂଯୋଜନା ଓ ପରିଚାଳନା କରିଥିଲେ ।

# ଶାନ୍ତ ଖୋର୍ଦ୍ଧାକୁ ଅଶାନ୍ତ କରୁଛନ୍ତି ବାହାର ଲୋକ, ଚୋରା ନିଶା ବେପାର ଓ ଗୁଣ୍ଡା ଗିରି

ଖୋର୍ଦ୍ଧା,୦୯/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସହର ଓ ୧୦ ଟି ବ୍ଲକ ଏରିଆରେ ସହର ଓ ଗ୍ରାମ୍ ଅଞ୍ଚଳରେ ବିକ୍ରୀ ବ୍ରାଉନ ସୁଗାର, ଗଞ୍ଜା, ଓ ଦେଶୀ ମଦ ବହୁଳ ଭାବେ ଚାଲିଛି । ଦେଖିବକୁ ମିଳେ । ସେହିପରି ବାହାର ଜିଲ୍ଲାରୁ କିଛି ଲୋକ ଆସି ଖୋର୍ଦ୍ଧା ସହର ଘର କରି ଓ ଭଡ଼ା ଘରେ ରହି ଗୁଣ୍ଡା ଗିରି କରୁଛନ୍ତି । ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ପ୍ରଶାସନ ଓ ପୋଲିସ ପ୍ରଶାସନକୁ କହିଲେ । ଲାଭ ତ ନାହିଁ, ଓଲଟା କିଛି ପୋଲିସ ଲୋକଂକ ନାମ ଗୁପ୍ତ ରଖିବା କଥା । ମାତ୍ର କିଛି ଅସାଧୁ ପୋଲିସ କର୍ମଚାରି ଧରିବାକୁ ଯାଇ ବଟି ମାସିକା ପାଇ ନିରବ । ଅସାଧୁ ପୋଲିସ ଏହି ଚୋରା ନିଶା ବେପାରୀକୁ ଜଣାଇ ଥିବା ଲୋକ ନାମ କହିବା ଯୋଗୁ ନିଶା ସେବନ କାରୀ ସଙ୍ଘବଧ ହୋଇ ଖବର ଦେବା ଲୋକକୁ ମାଡ ଦିଅନ୍ତି ,ସୁଣିବାକୁ ଓ ଦେଖିବକୁ ମିଳେ । ସେହିପରି ଖୋର୍ଦ୍ଧା ସଦର ଥାନା ଠାରୁ ୨୦୦ ମିଟର ଦୂର ଦଳାଇପୁଟ ଗ୍ରାମରେ ଗଞ୍ଜା ଟ୍ରକ ଟ୍ରକ ଆସି କୁଉଣ୍ଟାଲ, କୁଉଣ୍ଟାଲ ବିକ୍ରୀ ହୁଏ ଶୁଣିବାକୁ ମିଳେ । ଏହି ଥାନାର କିଛି କର୍ମଚାରୀ ଜାଣି ଅଜଣା । ଏହିବାବଦ ବହୁ ଲୋକ ପୋଲିସ ଜଣାଇଲେ ଥାନା ମୂଖ୍ୟ ନିରବ କାହିଁକି ? ଖୋର୍ଦ୍ଧା ଆରକ୍ଷୀ ଅଧିକାରୀ ଏହାର ତଦନ୍ତ ଶାହାପକ୍ଷ ।ଆଉ ଆଦର୍ଶ ଥାନା ଅଧୀନରେ ଥିବା ଗୁରୁଜଙ୍ଗ, ସାମନ୍ତରାପୁର, ଶାଗୁଆନ ବଗିଚା, ଜବରଦସ୍ତ ବସ୍ତି, ସ୍ୱପ୍ନସ୍ୱର ସାହି , ଗାନ୍ଧୀ ପଡିଆ, ଭାଲିଆ ବାଡ଼ି, ପଲା ଆଦି ସରକାରୀ ଯାଗାରେ ଘରକରି କିଛି ଏହି ଚୋରା ନିଶା ବେପାର କରନ୍ତି ପ୍ରମାଣ ମିଳିଛି । କିଛିଟା ଜବତ କରି ଏକ୍ସସାଇଜୀ ବିଭାଗ ଓ ଖୋର୍ଦ୍ଧା ପୋଲିସ ବା, ବା ,ନେଉଛନ୍ତି । ଏହି ୨୦୨୩ ମସିହା ମଧ୍ୟରେ ଖୋର୍ଦ୍ଧା ପୋଲିସ ଓ ଭୁବନେଶ୍ୱର ସ୍ୱତନ୍ତ୍ର ପୋଲିସ ଟିମ ମିଶି ୧୦ କୋଟି ଟଙ୍କାର ଧଳା ଜହର ଜବତ କରିଛନ୍ତି । ମାତ୍ର ତା ତୁଳନାରେ ୨୦୦ କୋଟି ଟଙ୍କାର ଏହି ନିଶା ବିକ୍ରୀ ହୁଏ ଲୋକେ କହୁଛନ୍ତି । ଦୁଃଖର ବିଷୟ ଗଞ୍ଜାଇ ନିଶା ଟ୍ରକ, ଟ୍ରକ୍ ଆଣି ଚୋରା ବେପାରୀ ଦଳାଇପୁଟ ସଦର ଥାନା ଓ ଟାଉନ ଥାନା ଗାନ୍ଧୀ ପଡିଆରେ କିଛି ଗାଡ଼ି ଡ୍ରାଇଭର ଅଭିଭକ୍ତ କୋରାପୁଟ ଜିଲ୍ଲାରୁ ଆଣି ଯୋଗନ୍ତି ଗୁପ୍ତ ଖବର ମିଳୁଛି । ଆଗରୁ ଯାହାର କିଛି ନ ଥିଲା , ତାଙ୍କ ଘରଣୀ ପର ଘରେ କାମ କରୁଥିଲେ ଏବେ ତିନି ଚାରି ମହଲା ଘର କରି ବସ୍ତି ରହି, ଏବେ ବଡ଼ ସରକାରୀ ଜାଗା ମାଡ଼ିବସି ତ୍ରିତଳ ପ୍ରସାଦ କରିଅଛନ୍ତି ।ଖୋର୍ଦ୍ଧା ପୋଲିସ ଓ ଖୋର୍ଦ୍ଧା ତହସିଲ କର୍ମଚାରି ଜାଣି ନିରବ କାହିଁକି ? ଲୋକ ଆସର୍ଯ୍ୟ । ଏବେ ଦେଖିବକୁ ମିଳେ ଖୋର୍ଦ୍ଧା ରାଜସ୍ୱ ନିରୀକ୍ଷକ ଅଫିସ ପାଖେ ଦିନ ଦିହିପରେ ସରକାରୀ ଖାଲି ପଡ଼ି ଥିବା ଯାଗା ବିକା କିଣା ହୋଇ ଦୋକାନଘର ରାସ୍ତା କଡ଼ରେ ହେଉଛି ।ତହସିଲ ଓ ପୌରପରିଷଦ କଣ କରୁଛନ୍ତି । ଖୋର୍ଦ୍ଧା ବୁଦ୍ଧି ଜିବିଙ୍କ ପ୍ରଶ୍ନ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ କଣ ପାଇଁ ଅଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ , ଉପ-ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ (ରେଭିନିଉ) ତଦନ୍ତ କରନ୍ତୁ ଦାବି । ଏବେ ପୁରୁଷ ବେତୀତ ମହିଳା ନିଶା ବେପାର କରିବା ସିଦ୍ଧ ହସ୍ତ । ସ୍ୱାମୀ ଜେଲ ଥିଲେ ମଧ ,ତାଙ୍କ ଘରଣୀ ଓ ନାବାଳକ ଓ ବାଳିକା ଛୋଟ୍ ଛୁଆ ଦ୍ୱାରା ପୁଡ଼ିଆ କରି ବିକ୍ରୀ କରୁଅଁନ୍ତି । ଭଲ ଭଲ ଘରର ଘରଣୀ ଓ ସୁନ୍ଦରୀ ମହିଳା,ଗ୍ରୋଷରୀ , ପାନ ଦୋକାନି କିଛି ଏହି ବ୍ରାଉନ ସୁଗାର ବେବାସାୟ ବହୁଳ ବିକ୍ରୀ ଚାଲିଛି ଶୁନିବାକୁ ମିଳେ ।ମାତ୍ର ଏହି ଦୋକାନ ତଦନ୍ତ କଲେ ସୁଟୁ, ବୁଟୁ, ଦାମିକାର ଚଢୁଥିବାବାବୁ ସଂପୃକ୍ତ ।ତଦନ୍ତ ହେଲେ ନାମ ପଦାକୁ ଆସିବ । ଏହି ବାବୁ ମାନେ ଖୋର୍ଦ୍ଧା ଜିଲ୍ଲା ବଡ ନେତା ନେତ୍ରୀଙ୍କ ଅତି ପାଖ ଲୋକ ଦେଖିବାକୁ ମିଳେ । ଖୋର୍ଦ୍ଧା ପୋଲିସର ତାଙ୍କୁ ଭୟ ନା କଣ? ଖୋର୍ଦ୍ଧା ନିଶା ନିବାରଣ ବିଭାଗ କହିବେକି? ଯେଉଁ ବିଦେଶୀ ମଦ ଜବତ କରିଛନ୍ତି ତା କାହାକୁ, କାହାକୁ, ଦିଅନ୍ତି କି ତାଙ୍କ ଜବତ ତାଲିକା କଣ ଠିକ ତଦନ୍ତ ସାହାପକ୍ଷ । ସେହିପରି କିଛି ଖାଦ୍ୟ ଅପମିଶ୍ରଣ ଜଳଖିଆ ଦୋକାନୀ ଓ ତେଲ ଲୁଣ ଦୋକାନୀ ଖାଦ୍ୟ ସୁରକ୍ଷା ଦାୟିତ୍ୱ ଅଧିକାରୀ କିଛି ଦେଖୁ ନାହାନ୍ତି । ଦେଖିବକୁ ମିଳେ ।କାହିଁକି ଖୋର୍ଦ୍ଧା ଜିଲାପାଳ ଓ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ) ଦୃଷ୍ଟି ଦେବାକୁ ଖୋର୍ଦ୍ଧା ସହର ଖାଉଟି ଦାବି କରୁଛନ୍ତି । ଟଂକା ଦେଇ ଅପମିଶ୍ରିତ ଖାଦ୍ୟ ଖାଇ ବିଭିନ୍ନ ରୋଗରେ ପଡୁଛନ୍ତି । ଖାଦ୍ୟ ସୁରକ୍ଷା ଅଧିକାରୀ କାରୀ କାର୍ଯ୍ୟ ସନ୍ଧେହ ଜନକ । ଆଶା ଖୋର୍ଦ୍ଧା ଜିଲାପାଳ କେ .ସୁଦର୍ଶନ ଚକ୍ରବର୍ତ୍ତୀ ଓ ପୋଲିସ ଆରକ୍ଷୀ କାଟେରିଆ ଏହାର ବିଦ୍ଧି ବଧ ତଦନ୍ତ କରିବା ପାଇଁ ଖୋର୍ଦ୍ଧା ବରିଷ୍ଟ ନାଗରିକ ମଞ୍ଚ ଏକ ବାଇକ ରାଲିକରି ସହର ପରିକ୍ରମା କରିଥିଲେ ଓ ଉପରୋକ୍ତ ଦୁଇ ପ୍ରଶାସନକୁ ନିଶା ବନ୍ଦ ଖୋର୍ଦ୍ଧା ରୁ ଶୀଘ୍ର ବନ୍ଦ ହେଉ ।

# ୩ କୋଟି ଟଙ୍କା ବ୍ୟୟରେ ରାଜସ୍ୱ ବିଶ୍ରାମ ଗୃହ ନିର୍ମାଣ ପାଇଁ ଭୂମି ପୂଜନ

ଭୁବନ,୦୯/୧୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ କଣପାଳ - ମହୁଲପାଳ ପଂଚାୟତର ନିଳକଣ୍ଠପୁର ଗ୍ରାମର ପ୍ରବେଶ ପଥରେ ୩ କୋଟି ଟଙ୍କା ବ୍ୟୟରେ ଏକ ସର୍କଟ ହାଉସ ( ରାଜସ୍ୱ ବିଶ୍ରାମ ଗୃହ) ନିର୍ମାଣ ପାଇଁ ଆଜି ଶୁକ୍ରବାର ଭୂମି ପୂଜନ/ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାମାକ୍ଷା ନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ନଡ଼ିଆ ଭାଙ୍ଗି ଶୁଭ ପକାଇଥିଲେ । ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଦ୍ୱିତଳ ପ୍ରାସାଦରେ ସମୁଦାୟ ୬ ଟି ରୁମ୍, ୩ ଟି ଫାମିଲି ଲଂଗ, ୮ ଟି ଟଏଲେଟ୍ ଓ ରୋଷେଇ ଘର ମଧ ରହିବ । ସହିଦ ବାଜି ରାଉତଙ୍କ ପ୍ରତି ଏହି ସର୍କଟ ହାଉସ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଘୋଷଣା କରିଥିଲେ । ଉପରୋକ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ ହେବ ଓ ୯ ମାସ ମଧ୍ୟରେ ଶେଷ ହେବ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁ, ତହସିଲଦାର ଶିରିଆଲ ଶୁଭ୍ର ପଟେଲଙ୍କ ସମେତ ନଗରପାଳ ଶୁଭେନ୍ଦୁ କୁମାର ସାହୁ, କାଉନସିଲର ନରେନ୍ଦ୍ର କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ମହୁଲପାଳ - କଣପାଳ ସରପଂଚ ଲିପ୍ସା ରାଉତ, ସମିତି ସଭ୍ୟ ଆଶାଲତା ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

**ଭାଗ-୨୮**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଧନ୍ୟ ହୋଇଗଲି ଧନ୍ୟ ହୋଇଗଲି ପ୍ରଭୁ । ସୀତା ଜୀବନରେ ଆଜି ନୂତନ ସନ୍ଦେଶ ପାଇ ପାରିଛି । ଏ ଚରଣ ସେବିକା ଦାସୀ ମୃତ୍ୟୁ ପର୍ଯ୍ୟନ୍ତ ଆପଣଙ୍କ ପଦସେବିକା ହୋଇ ରହିଥିବ ପ୍ରଭୁ । ମୋତେ ଆଶ୍ଲେଷ ଭିତରକୁ ନେଇ ମୋ ଶିରରେ ସ୍ନେହ ପ୍ରେମର ଧାରା ବୁହାଇ ଦେଇ ସ୍ୱାମୀ ମୋର କହିଥିଲେ, "ରାମ ଅଙ୍କଲକ୍ଷ୍ମୀ ପ୍ରିୟ ହାସିନୀ, ପ୍ରିୟ ଭାଷିଣୀ ସୀତେ ! ରାମ ସୀତା ଆଜିଠୁଁ ସୀତାରାମ ଭାବରେ ସାରା ସଂସାରରେ ପରିଚିତ ହେବେ । ଆମେ ଏ ସଂସାରରେ ନଥିଲେ ବି ଯୁଗଯୁଗ ପାଇଁ ଆମ ପ୍ରେମର ଅମର କୀର୍ତ୍ତି ଜନସାଧାରଣରେ ପ୍ରସାରିତ ହେଉଥିବ ।"

ଏହି କଥା କହୁକହୁ ଆଉ ନିଜକୁ ସମ୍ଭାଳି ପାରି ନଥିଲେ ତପସ୍ୱିନୀ ସୀତା । ସ୍ୱାମୀ ସ୍ୱାମୀ କହି କାନ୍ଦିକାନ୍ଦି ପୁଷ୍ପାଙ୍କିତ ରାମଚନ୍ଦ୍ରଙ୍କ ପାଦତଳେ ପଡ଼ିଯାଇ ମୂର୍ଚ୍ଛାଗଲେ । ଦେବୀଦେବୀ କହି ତାଙ୍କୁ ଘରିପାରୁଶରୁ ବେଢ଼ି ଯାଇଥିଲେ ସୁଧାମୟୀ, ପ୍ରୀତିଦା, ଐଶ୍ୱର୍ଯ୍ୟା ଆଦି ମୁନିକନ୍ୟାମାନେ । ଧାଇଁଯାଇ ପାଣି ଆଣି ଦେବୀଙ୍କ ମୁଖରେ ସିଞ୍ଚନ କଲେ । ବାହାରୁ ଶୁଣାଗଲା ପ୍ରଭାତ ପକ୍ଷୀଙ୍କର କଳରବ । ତପସ୍ୱିନୀ ସୀତାଙ୍କ ଜୀବନ କାହାଣୀ ଶୁଣୁଶୁଣୁ ଯେ ସନ୍ଧ୍ୟା ସମୟରୁ ପ୍ରଭାତ ସମୟ ଆସି ଉପନୀତ ହୋଇଗଲାଣି ତାହା ଜାଣିପାରି ମୁନିକୁମାରୀମାନେ ପ୍ରଭାତ ବନ୍ଦନା ପାଇଁ ପ୍ରସ୍ତୁତ ହୋଇଗଲେ ।

॥ ସାତ ॥

ଅଯୋଧ୍ୟାର ରାଜରାଣୀ, ମିଥିଳାର ରାଜକୁମାରୀ, ବିଦେହ ରାଜ୍ୟର ସୁକୁମାରୀ, ଅନନ୍ୟା, ଅନିନ୍ଦ୍ୟା, ଅପରୂପା ବୈଦେହୀ ଆଜି ସାଜିଛନ୍ତି ବାଲ୍ମିକୀ ଆଶ୍ରମର ତପସ୍ୱିନୀ । ବିଧିର ବିଧାନ, କେ କରିବ ଆନ । ଆଜି ଯାହାକୁ ସିଏ ରାଜେନ୍ଦ୍ରାସନରେ ବସାଇଥିବ କାଲିକୁ ତାକୁ ସଜାଇ ଦେଇଥିବ ଦାଣ୍ଡର ଭିକାରୀ କରି । ତାର କାର୍ଯ୍ୟକୁ ରୋକିବାର ଶକ୍ତି ଏ ଜଗତରେ କାହାର ଅଛି ? ଏପରିକି ବ୍ରହ୍ମା, ବିଷ୍ଣୁ, ଶିବ ମଧ୍ୟ ତା' ଇଂଗିତରେ ପରିଚାଳିତ । ସେହି ନିୟମରେ କୋଟି ଐଶ୍ୱର୍ଯ୍ୟ ଖଚିତ ଗୋଲକଧାମର ଅଧିପତି ଭଗବାନ ବିଷ୍ଣୁ ମର୍ତ୍ତ୍ୟରେ ଜନ୍ମଲାଭ କରି, ରାଜକୁଳର ସମସ୍ତ ସମ୍ପଦକୁ ହରାଇ ବନଚାରୀ ହୋଇଥିଲେ । ସେହିପରି ଜଗତ୍‌ମାତା ଲକ୍ଷ୍ମୀ ମଧ୍ୟ ସମସ୍ତ ଧନ, ସମ୍ପଦ, ପ୍ରାଚୁର୍ଯ୍ୟର ଅଧିକାରିଣୀ ହୋଇ ଆଜି ସାଜିଛନ୍ତି ଆଶ୍ରମର ତପଚାରିଣୀ । ଧନ୍ୟ ତୋତେ ନିୟତି । ଧନ୍ୟ ତୋର ନିୟମକୁ । କାହାକୁ କେତେବେଳେ ଯେ ତୁ କ'ଣ କରୁ ତାହା ତୋତେ ହିଁ ଜଣା । ତୋର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବ କିଏ ? ସେହି ନିର୍ଦ୍ଦେଶକୁ ମାନି ରଘୁକୁଳ ବଧୂ ଆଜି ତପସ୍ୱିନୀଟିଏ ସାଜି କାଖରେ ଲାଉତୁମ୍ବାଟିଏ ଧରି ମୁନିକୁମାରୀଙ୍କ ଗହଣରେ ତମସାକୁ ଯାଉଛନ୍ତି । ସେଠାରୁ ପାଣି ଆଣି ଆଶ୍ରମରେ ରୋପିତ ଛୋଟ ଛୋଟ ବୃକ୍ଷଲତା ମୂଳରେ ଜଳସେଚନ କରିବେ ।

ମୁନିକୁମାରୀ ସୁଧାମୟୀ, ପ୍ରୀତିଦା, ଐଶ୍ୱର୍ଯ୍ୟାଙ୍କ ସହିତ ତାଳଦେଇ ଧୀରେଧୀରେ ଆଗକୁ ପାଦ ପକାଉଛନ୍ତି ସୀତାଦେବୀ । ପଥଶ୍ରମକୁ ଲାଘବ କରିବାପାଇଁ ପ୍ରୀତିଦା କହିଥିଲା ଦେବୀ, ଆମକୁ ଆପଣଙ୍କ ଜୀବନ କାହାଣୀ ଶୁଣାଉ ଶୁଣାଉ ଅପୂର୍ଣ୍ଣାଙ୍ଗ କରି ରଖି ଦେଇଛନ୍ତି । ପ୍ରଭୁ ଶ୍ରୀରାମଙ୍କ ହାତଧରି ଅଯୋଧ୍ୟାର ରାଜବଧୂ ହୋଇ ଆପଣ ଆସିଲେ । ତାପରର କଥା ତ ଆଉ ଆମକୁ ଶୁଣାଇଲେ ନାହିଁ ।

ଚାଲୁଚାଲୁ ଅଟକି ଯାଇଥିଲେ ତପସ୍ୱିନୀ ସୀତା । ଭୁଲିଯିବାକୁ ଚେଷ୍ଟା କରୁଥିବା ଅତୀତକୁ ଏ ମୁନିକନ୍ୟାମାନେ ଭୁଲିବାକୁ ଦେଉନାହାନ୍ତି । ବାରମ୍ବାର ସେହି ଅତୀତର ଘଟଣା ସେମାନେ ଶୁଣିବାକୁ ଚାହୁଁଛନ୍ତି । ମନର ବେଦନାକୁ ତାଙ୍କ ପାଖରେ ବାଢ଼ିଦେଇ ସେ ମଧ୍ୟ କିଛିଟା ଆଶ୍ୱସ୍ତି ପାଉଛନ୍ତି । ତାଙ୍କୁ ଅଟକିଯିବାର ଦେଖି ସୁଧାମୟୀ କହିଥିଲା ଦେବୀ, ବାରମ୍ବାର ଆପଣଙ୍କୁ ଅଂଗେଲିଭାଇଥିବା ଘଟଣାକୁ ଆମ ନିକଟରେ ପ୍ରକାଶ କରାଇବା ପାଇଁ କହି ଆମେ ଯଦି ଆପଣଙ୍କ ମନରେ ଦୁଃଖ ଦେଉଥିବୁ ତାହେଲେ, ଆମକୁ କ୍ଷମା କରିଦେବେ । ଆଉ ଆମେ କେବେ ବାଧ କରିବୁ ନାହିଁ । ସୁଧାମୟୀ ମୁଖରୁ ବଚନ ଓଟାରିନେଇ ସୀତାଦେବୀ କହିଥିଲେ ସୁଧାମୟୀ, ତୁମେମାନେ ମୋତେ ସେମିତି କୁହନାହିଁ । ତୁମମାନଙ୍କ ସହିତ ଅଛି ବୋଲି ମୁଁ ଆଜି ପର୍ଯ୍ୟନ୍ତ ଜୀବନ ଧରି ରହିଛି । ତାହା ହୋଇ ନଥିଲେ... ।

ନାଁ ଦେବୀ ! ଆପଣ ସେମିତି କୁହନ୍ତୁ ନାହିଁ । ଆପଣଙ୍କ ଗର୍ଭରେ ଅମୃତ ସନ୍ତାନ କିମ୍ବା ସନ୍ତତିଟିଏ ଅଛି । ସେ ରଘୁବଂଶର ଦାୟାଦ । ନିଜ ପାଇଁ ନହେଲେବି ତା ପାଇଁ ଆପଣଙ୍କୁ ବଞ୍ଚିବାକୁ ପଡ଼ିବ । ଆମେ ଜାଣୁଛୁ ଅଯୋଧ୍ୟାର ରାଜସୁଖ ଏଠାରେ ନାହିଁ । ହେଲେ...

ଏଠାରେ ଯେଉଁ ଶାନ୍ତି ଅଛି ପ୍ରୀତିଦା, ତାହା ଅଯୋଧ୍ୟାରେ କିମ୍ବା ମିଥିଳାରେ ନଥିଲା । ଏଠାରେ ଯେଉଁ ଶାନ୍ତି, ତୃପ୍ତି, ଆନନ୍ଦ ମୁଁ ପାଉଛି, ତାହା କୌଣସି ରାଜସୁଖ କିମ୍ବା ସ୍ୱର୍ଗ ସୁଖରେ ମଧ୍ୟ ନଥିବ । ମୋର କେବଳ ଗୋଟାଏ ଦୁଃଖ ସଖୀ ମୋତେ ତ୍ୟାଗକରି ମୋ ସ୍ୱାମୀ ଅଯୋଧ୍ୟାରେ ସୁଖ ଶାନ୍ତିରେ ଥିବେ ତ ? ତାଙ୍କ ଦିଆ ଅମୂଲ୍ୟ ଦାନ ଯିଏ ମୋ ଗର୍ଭରେ ବଢ଼ୁଛି ସେ କେଉଁ ପରିଚୟ ନେଇ ଏ ଦୁନିଆକୁ ଆସିବ ? ରାଜପୁତ୍ର ନାଁ ଋଷିପୁତ୍ର ?

ସେ କଥା ସମୟ କହିବ ଦେବୀ । ଭବିତବ୍ୟ ଯାହା ଅବଶ୍ୟ ଫଳିବ । ଆପଣଙ୍କ ସେବା, ଦାନ, ତ୍ୟାଗ, ସ୍ନେହ, ମମତାର କ'ଣ କିଛି ମୂଲ୍ୟ ନାହିଁ ? ପିତା ତ କହିଛନ୍ତି ଆପଣ ଏ ଆଶ୍ରମରେ ନିଶ୍ଚିନ୍ତରେ ଥାଆନ୍ତୁ । ଆଗକୁ କ'ଣ ହେବ, ନହେବ ସେକଥା ସେ ବୁଝିବେ ।

ତୁମେ ଠିକ୍ କହିଛ ଐଶ୍ୱର୍ଯ୍ୟା । ମିଥିଳାରେ ଯାହାକୁ ପିତା ଭାବରେ ପାଇଥିଲି, ଯାହାଙ୍କ ସ୍ନେହ, ମମତାରେ ବାନ୍ଧି ଦେଇ ଦୀର୍ଘ ଷୋଳବର୍ଷ ଜୀବନ ବିତାଇଥିଲି ତାଙ୍କୁ ଛାଡ଼ି ଅଯୋଧ୍ୟାରେ ସେମିତି ପିତାଟିଏ ମଧ୍ୟ ପାଇଥିଲି । ଭାବିଥିଲି ତାଙ୍କ ପାଦସେବା ଶେଷଜୀବନ ପର୍ଯ୍ୟନ୍ତ କରିବି । ତାହାବି ସମ୍ଭବ ହେଲାନାହିଁ । ଆଉ ଏକ ପିତାଙ୍କର ସ୍ନେହ ମମତାର ଡୋରିରେ ବାନ୍ଧି ହୋଇ ଯାଇଛି ମୁଁ । ଏବେ ମୋର ଦେଖିବାର ଅଛି ଜୀବନର ଅନ୍ତଃ ପର୍ଯ୍ୟନ୍ତ ନିୟତି ମୋତେ ଏ ପିତାଙ୍କର ଆଦରର ଡୋରିରେ ବାନ୍ଧି ରଖିପାରୁଛି କି ନାହିଁ । ଏହିକଥା କହୁକହୁ ସୀତାଦେବୀ ଅବଶ ହୋଇ ଏକ ବୃକ୍ଷମୂଳରେ ବସି ପଡ଼ନ୍ତେ, ତାଙ୍କୁ ଘରିପାରୁଶରୁ ମୁନିକୁମାରୀମାନେ ବେଢ଼ି ଯାଇଥିଲେ । ତାଙ୍କ ମନର ଦୁଃଖକୁ ଲାଘବ କରିବାପାଇଁ ପ୍ରୀତିଦା କହିଥିଲା ଦେବୀ, ଅଯୋଧ୍ୟାରେ କେମିତି ଆପଣ ଶାଶୁ ଶଶୁରଙ୍କ ସେବା କରୁଥିଲେ, କେମିତି ହସଖୁସିରେ ଜୀବନ କଟୁଥିଲା ସେ ସମ୍ପର୍କରେ ଆମକୁ କିଛି କୁହନ୍ତୁ ।

ତା' କଥା ଶୁଣି ମନ ମୋର ଧାଇଁ ଯାଇଥିଲା ଅଯୋଧ୍ୟାପୁରୀକୁ । ଆଖି ଆଗରେ ଭାସି ଉଠିଥିଲା ଅଯୋଧ୍ୟାର ସେହି ସୁଖମୟ, ଆନନ୍ଦମୟ ଦିନଗୁଡ଼ିକ । ସ୍ୱାମୀ ମୋର ଥିଲେ ମୋ ପାଇଁ ସାକ୍ଷାତ ଭଗବାନ । ତାଙ୍କ ସ୍ନେହ ପ୍ରେମର ତୁଳନା ନଥିଲା । ତାଙ୍କ କଥାକୁ ଭାଷାରେ ବର୍ଣ୍ଣିବାର ଶକ୍ତି ମୋର ନାହିଁ । ରାତି ପାହିଲା ଠାରୁ ଶଯ୍ୟା ଗ୍ରହଣ ପର୍ଯ୍ୟନ୍ତ କେତେଥର ଯେ ସେ ସୀତା ନାମ ତୁଣ୍ଡରେ ନେଇଥିବେ ତାହା ମୁଁ କହିପାରିବି ନାହିଁ । ଦର ବିକଶିତ ପଦ୍ମକୋରକ ସଦୃଶ ତାଙ୍କ ମୁଖମଣ୍ଡଳରେ ସଦା ଲାଗିରହିଥାଏ କ୍ଷୀଣ ହସର ପ୍ରୀତିସୁଧା । କେତେବେଳେ ସେ ମୋତେ ମୈଥିଳୀ, ପୁଣି କେତେବେଳେ ଜାନକୀ, କେତେବେଳେ ବୈଦେହୀ, ସୀତା ନାମରେ ଯେ ଡାକନ୍ତି ତାହା ସେ ଜାଣନ୍ତି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଆତ୍ମୀୟତା ଶୀର୍ଷରେ ଶୀର୍ଷେନ୍ଦୁ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**



କୋଲକାତାର ସେହି ଆନନ୍ଦ ବଜାର ପତ୍ରିକା କାର୍ଯ୍ୟାଳୟରେ ଆଉ କେଉଁ କେଉଁ ଲେଖକ କର୍ମରତ ତାହା ଜିଜ୍ଞାସା କରି ଜାଣିଲୁ ଯେ ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ ଏଠି ସେତେବେଳେ ଉପସ୍ଥିତ । ଆମେ ଆଉ ବିଳମ୍ବ ନକରି ପହଞ୍ଚିଲୁ ତାଙ୍କ ପ୍ରକୋଷ୍ଠ ମଧ୍ୟକୁ । ଏତିକି ବେଳେ ମଧ୍ୟାହ୍ନ ବେଳା ଉତ୍ତୀର୍ଣ୍ଣ ହୋଇଯାଉଥିଲା । ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ ଘରୁ ନେଇ ଆସିଥିବା ଟିଫିନ୍ ବକ୍ସ ଖୋଲି ଆରମ୍ଭ କରିଥାନ୍ତି ମଧ୍ୟାହ୍ନ ଭୋଜନ । ଯେତେବେଳେ ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ଅନୁଯାୟୀ ଆମେ କୋଲକାତା ପରିଭ୍ରମଣରେ ଆସିଛୁ ବୋଲି ଜାଣିବା ପରେ ତାଙ୍କ ଓଠରେ ଲାଖି ରହିଥିବା ସ୍ମିତହାସ୍ୟ ଅଧିକ ସମ୍ପ୍ରସାରିତ ହୋଇଗଲା । ଆମେ ତାଙ୍କୁ ଅନୁରୋଧ କଲୁ ଯେ ଆପଣ ସମୟ ନଷ୍ଟ ନକରି ଭୋଜନ କରିବା ସଙ୍ଗେ ସଙ୍ଗେ ଆମ ସହିତ ଦୁଇ ଚାରିପଦ କଥା ହେଉଥାନ୍ତୁ । ସେତିକିରେ ହିଁ ଆମର ଆନନ୍ଦ ରହିଯିବ ସ୍ମରଣୀୟ ହୋଇ । ଶୀର୍ଷେନ୍ଦୁଙ୍କ ଉଲ୍ଲସିତ ହୃଦୟ ନାଚି ଉଠିଲା ତାଙ୍କ ଦୁଇ ଆଖିରେ । ମଣିଷର ଆନ୍ତରିକ ଭାବଗ୍ରହଣ କରିନେବାରେ ଲେଖକମାନେ କେତେ ପ୍ରବୀଣ ତାହା ପ୍ରତିଫଳିତ ହୋଇଯାଉଥିଲା ।

ଆମକୁ ଶୀର୍ଷେନ୍ଦୁ ପଚାରୁଥାନ୍ତି ଯେ, କାହା କାହା ସହିତ ଆମର ସାକ୍ଷାତ ହୋଇଛି ଓ କୋଲକାତାର ସାହିତ୍ୟିକ ବାୟୁ ମଣ୍ଡଳ ଆମକୁ କେତେ ପରିମାଣରେ ଛୁଇଁ ପାରିଛି ? ବାସ୍ତବିକ୍ ଯାହା ସତକୁ ସତ ଅନୁଭବ କରୁଥିଲୁ, ତାହାହିଁ ନିଃସଙ୍କୋଚ ଭାବରେ ବ୍ୟକ୍ତ କଲୁ ତାଙ୍କ ନିକଟରେ । ଶୀର୍ଷେନ୍ଦୁଙ୍କ ସମଗ୍ର ଶରୀର ଗୌରବର୍ଣ୍ଣ । ମୁହଁଟି ସେହିପରି ହେବା ଥିଲା ସ୍ୱାଭାବିକ । ମୁଁ ନିଜେ ଜୀବନରେ ଅନୁଭବ କରି ପାରିଛି ଯେ- ସମସ୍ତ ଗୌରବର୍ଣ୍ଣର ବ୍ୟକ୍ତିଙ୍କ ଭିତରୁ ଆତ୍ମୀୟତାର ଭାବ ଉଚ୍ଛୁଳି ଉଠେ ନାହିଁ । ପ୍ରକୃତରେ କେବଳ ବାହ୍ୟ ଗାଠନିକ ଶୃଙ୍ଖଳା ମଧ୍ୟରେ ହୃଦୟର ସ୍ନେହ ପ୍ରକାଶିତ ହୋଇପାରେ ନାହିଁ । ଗୌର ରଙ୍ଗର ତନୁର ସେତେବେଳେ ଲାଗେ ଆପଣାର ଯେତେବେଳେ ଶ୍ରଦ୍ଧାଶୀଳତାର କଳା ଫୁଟିଉଠେ ସେଠି ସାର୍ଥକ ଭାବରେ । ଶୀର୍ଷେନ୍ଦୁଙ୍କ ବ୍ୟକ୍ତିତ୍ୱରେ ତାହାହିଁ ଅନୁଭୂତ ହେଉଥିଲା ଅନାୟାସରେ ।

ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ ମୋ ସକାଶେ ଏକ ସୁପରିଚିତ ନାମ । ତାଙ୍କର କେତେକ କ୍ଷୁଦ୍ରଗଳ୍ପ ଓ ଏକାଧିକ ଉପନ୍ୟାସର ଅନୁବାଦ ପଢ଼ିଥିଲି । ମନେ ପଡୁଥାଏ ତାଙ୍କ ଦ୍ୱାରା ରଚିତ 'ଦିନଯାଏ' ଉପନ୍ୟାସ ବିଷୟରେ ଆଉ କେତୋଟି କ୍ଷୁଦ୍ର ଗଳ୍ପର ଚରିତ୍ର ଝାପ୍‌ସା ଝାପ୍‌ସା ଉଙ୍କି ମାରୁଥାନ୍ତି ମୋ ବକ୍ଷ ସ୍ଥଳରେ । ତେବେ ଯେତେବେଳେ ସେହିସବୁ ଚରିତ୍ରମାନଙ୍କର ସ୍ରଷ୍ଟା ନିଜେ ଆମ ସମ୍ମୁଖରେ ବସିଥାନ୍ତି ସେ ହିଁ ହୋଇ ଯାଇଥାନ୍ତି ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ । ପ୍ରଥମେ ତାଙ୍କ ସହିତ ହିନ୍ଦୀରେ ବାର୍ତ୍ତାଳାପ କରିବାର ଚେଷ୍ଟା କରିଥିଲୁ । ସେ କିନ୍ତୁ କହିଲେ ଯେ ହିନ୍ଦୀରେ ଭାବ ବିନିମୟ କରିବାରେ ସେ ସ୍ୱାଭାବିକ ଅନୁଭବ କରିପାରନ୍ତି ନାହିଁ । ଆମେ ତାଙ୍କୁ ପଚାରିଲୁ ଯେ ଓଡ଼ିଆ ଭାଷାରେ ଆମେ କହୁଥିବା କଥା ଆପଣ ବୁଝି ପାରୁଛନ୍ତି ତ ? ସେ ଉତ୍ତର ଦେଇଥିଲେ 'ହଁ ଓଡ଼ିଆ କହିବାରେ ଯଦିଓ ମୁଁ ସକ୍ଷମ ନୁହେଁ କିନ୍ତୁ ତାହା ବୁଝିପାରେ ହିନ୍ଦୀଠାରୁ ସ୍ପଷ୍ଟ ଭାବରେ । ସେ ବଙ୍ଗଳାରେ ଭାବ ବ୍ୟକ୍ତ କରୁଥାନ୍ତି । ଆମେ ଓଡ଼ିଆରେ ଆପଣାର ଭାବନା ବ୍ୟକ୍ତ କରୁଥାଉ । ଅଥଚ ମନେ ହେଉଥାଏ ଯେ ସତେ ଯେମିତି ଆମେ ପରସ୍ପର ଭାବ ବିନିମୟ କରୁଛୁ ଆଖିର ଚାହାଣୀରେ ଓ ଓଠର ସ୍ପନ୍ଦନରେ ଆଉ ସମଗ୍ର ମୁଖମଣ୍ଡଳର ପବିତ୍ର ଉଲ୍ଲାସ ମଧ୍ୟରେ ଅଧିକ । ଏଥିରୁ ଆଜି ଗୋଟିଏ ନିଗୂଢ଼ ରହସ୍ୟ ମୋ ଆଗରେ ଉନ୍ମୋଚିତ ହୋଇଯାଉଛି ଯେ, ପୃଥିବୀର ଯେକୌଣସି ଅଞ୍ଚଳରେ ଯେଉଁ ଭାଷା ବ୍ୟବହୃତ ହେଉ ଥାଉନା କାହିଁକି, ପ୍ରକୃତରେ ମଣିଷ ମଧ୍ୟରେ ଭାଷା ନୁହେଁ, ଭାବ ମାଧ୍ୟମରେ ଚାଲିଥାଏ ବାର୍ତ୍ତାଳାପ । ସେଥିପାଇଁ କୌଣସି ମଣିଷ କଦାପି ଲାଗନ୍ତି ନାହିଁ ଦୂରବର୍ତ୍ତୀ ଓ ଅପରିଚିତ ।

ଶୀର୍ଷେନ୍ଦୁ ମୁଖୋପାଧ୍ୟାୟଙ୍କ ବିଷୟରେ କିଞ୍ଚିତ୍ ଆଭାସ ଉପସ୍ଥାପନ କରିବାର ରହିଛି ପ୍ରୟୋଜନ । ସେ ନଭେମ୍ବର ୨ ତାରିଖ ୧୯୩୫ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଗଳ୍ପ ରଚନା କରନ୍ତି ଉଭୟ ବୟସ୍କ ଓ ଶିଶୁମାନଙ୍କ ପାଇଁ । ସେ ଯେଉଁ ଅଞ୍ଚଳରେ ଜନ୍ମ ନେଇଥିଲେ ତାହା ସଂପ୍ରତି ବାଂଲାଦେଶ ଅନ୍ତର୍ଗତ । ତେବେ ସେ ଭାରତୀୟ ନାଗରିକ ଭାବରେ ହିଁ ରହିଛନ୍ତି ପରିଚିତ । ସେ ମଧ୍ୟ ଥିଲେ ଜଣେ ଶିକ୍ଷକ ସେଥିପାଇଁ ତ ସୁସାହିତ୍ୟିକ ସର୍ଜନାର ପ୍ରେରଣା ଅନୁଭବ କରିଥିଲେ ନିଜ ଅନ୍ତଃପ୍ରାଣରେ । ସେ ଲାଭ କରିଥିବା ସମ୍ମାନ ଜନକ ଦୁଇଟି ପୁରସ୍କାର ହେଉଛି 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ ଆନନ୍ଦ ପୁରସ୍କାର । ଯେତେବେଳେ ଭାରତ ବିଭାଜନ ହୋଇଥିଲା ସେତେବେଳେ ତାଙ୍କ ପରିବାର ରହିଯାଇଥିଲେ କୋଲକାତାରେ । ତାଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା ବିହାର ବଙ୍ଗଳା ଓ ଆସାମର ବିଭିନ୍ନ ସ୍ଥାନରେ, ଯେହେତୁ ତାଙ୍କ ପିତା କର୍ମ ସଂଲଗ୍ନ ଥିଲେ ରେଲୱେ ବିଭାଗ ସହିତ । କଲିକତା ବିଶ୍ୱ ବିଦ୍ୟାଳୟରେ ବଙ୍ଗଳା ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । 'ଦେଶ୍' ପତ୍ରିକାର ସମ୍ପାଦନା କାର୍ଯ୍ୟ ସହିତ ସେ ସଂଯୁକ୍ତ ରହିଥିବା ଗୁରୁତ୍ୱପୂର୍ଣ୍ଣ । ତାଙ୍କ ରଚିତ ଅନେକ ଗଳ୍ପ ଚଳଚ୍ଚିତ୍ର ଭାବରେ ରୂପାୟିତ ହୋଇଛି । ଏପରି ତାଙ୍କ ସାହିତ୍ୟର ଚଳଚ୍ଚିତ୍ର ରୂପାୟନ ଫଳରେ ତାଙ୍କର ସାହିତ୍ୟର ବାର୍ତ୍ତା ହୋଇ ପାରିଛି ଅଧିକ ସମ୍ପ୍ରସାରିତ । ତାଙ୍କର ପ୍ରଥମ ଗଳ୍ପ ହେଉଛି 'ଜଳତରଙ୍ଗ' ଯାହା ସେ ସମୟରେ 'ଦେଶ' ପତ୍ରିକାରେ ପ୍ରକାଶିତ ହୋଇଥିଲା ୧୯୫୯ ମସିହାରେ । ବହୁ ଗ୍ରନ୍ଥର ସ୍ରଷ୍ଟା ଭାବରେ ସେ ପୁରସ୍କାର ପାଇଛନ୍ତି ଓ ଅଭିନନ୍ଦିତ ହୋଇଛନ୍ତି ଯେପରି, ସେହିପରି ପାଠକୀୟ ଆଦୃତ ଲାଭ କରିଛନ୍ତି ଆଶାତୀତ ଭାବରେ ।

ଯେତେବେଳେ କୋଲକାତାର 'ଆନନ୍ଦ ବଜାର' ପତ୍ରିକା କାର୍ଯ୍ୟାଳୟରେ ସେ ଅବସ୍ଥାପିତ, ସେତେବେଳେ ୬୨ ବର୍ଷ ବୟସ୍କ ଶୀର୍ଷେନ୍ଦୁଙ୍କୁ ଆମେ ଦେଖିବାର ସୁଯୋଗ ପାଇଥିଲୁ । ମାତ୍ର ମୋର ଯାହା ମନେ ହେଉଛି ସେ ସମୟରେ ସେ ଦେଖାଯାଉଥିଲେ ପ୍ରାୟ ଚାଳିଶ ବର୍ଷ ବୟସ୍କ ତରୁଣ ପରି । ହୃଦୟ ଭିତରେ ସୁଗଭୀର ଆତ୍ମୀୟତା ଭରପୁର ହୋଇ ରହିଥିଲେ । ଷାଠିଏ ବର୍ଷ ଅତିକ୍ରମ କରିବା ପରେ ମଧ୍ୟ ଜଣେ ଲେଖକ ତାରୁଣ୍ୟର ଦ୍ୟୁତିରେ କିପରି ଜ୍ୟୋତିର୍ମୟ ଦେଖାଯାଏ ତାହାର ଏକ ଜ୍ୱଳନ୍ତ ନିଦର୍ଶନ ହେଉଛନ୍ତି ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ । ୧୯୯୭ ମସିହାରେ ଯେଉଁ ଅପୂର୍ବ ସାନ୍ନିଧ୍ୟ ତାଙ୍କର ଲାଭ କରିଥିଲି ତାହା ଏବେ ବି ମଧ୍ୟ ରହିଛି ଏକାନ୍ତ ପ୍ରେରଣାଦୀପ୍ତ, ସତେଜ ଓ ସ୍ୱଚ୍ଛ ରମଣୀୟ ରୂପ ନେଇ ।

♥ ଆଡହକ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

## କବିତା...



### ॥ ସ୍ୱପ୍ନର ସାରାଂଶ ॥

**ସାବିତ୍ରୀ କବି**

ତମେ ତ ମୋ କବିତାର ଅବଶିଷ୍ଟ ପୁଞ୍ଜି
ସଂଚିତ ଆୟୁଷ, ମୁଁ ଝାଳନାଳ ହୋଇ ଅହର୍ନିଶ
ଖୋଜି ହେଉଥିବା ଗୋପନୀୟ ସ୍ୱପ୍ନର ସାରାଂଶ।
କେତେଦିନ ହେବ ମୁଁ ଏମିତି ବ୍ୟସ୍ତ ରହିଲି ଯେ
ବୁଝିଲି ନାହିଁ ତମ ଅଭିମାନ,
ବୁଝିଲି ନାହିଁ ଅନ୍ଧାରର ପରିଭାଷା,
ଲୁଚକାଳି ଖେଳୁଥିବା ଜହ୍ନର ଗୁମାନ
ମହୁମାଛି ମାନଙ୍କ ନିଖୋଜ ହେବାର ରହସ୍ୟ !
କେତେଦିନ ହେବ ମୁଁ ଏମିତି ମିଛ ମିଛ
ବଞ୍ଚିବାରେ ମଗ୍ନ ରହିଲି ଯେ
ପାତାଳ ଅନ୍ଧାରରେ ହଜେଇ ଦେଲି ମୋର ପରିଚୟ।
ବନ୍ଦ କୋଠରୀରେ ମୋ ଅବରୁଦ୍ଧ ଛାଇ କ୍ରମଶଃ
ନିଶ୍ଚିହ୍ନ ହୋଇ ଯାଉଥିବା ଦେଖି ଡରିଲି,
କାନେଇଲି କାନ୍ଥ ସେପାଖରେ ସେମାନେ ଗାଉଥିବା
ନକଲି ଗୀତର ସ୍ୱରକୁ, ଅଥଚ
ମୋ ଦେହର ସ୍ପର୍ଶରେ ସ୍ପର୍ଶମୟ ଅଦୃଶ୍ୟ ଈଶ୍ୱରଙ୍କୁ
ମୁଁ ଚଣ୍ଡାଳୁଣୀ ଚିହ୍ନିଲି ନାହିଁ,
କେତେଦିନ ଯାଏ ପଥର ଖଣ୍ଡେ ବୋଲି ଭାବିଲି
କେତେ ଶହ ଜନ୍ମର ତପସ୍ୟାରୁ ଆବିଷ୍କୃତ
ଶିଳାଗ୍ରାମକୁ, ମୁଁ ହତଭାଗିନୀ କେମିତି ଅବଜ୍ଞାରେ
ଏଡ଼ିଗଲି କେହିଜଣେ ମଝିରାସ୍ତାରେ ମୋ ନାଁ ଧରି
ଡାକୁଥିବା ମଧୁର ସ୍ୱରକୁ।
ଆଜି କେତେ ନିବିଡ଼ ଭାବରେ କାନଉଛି
ସେଇ ସ୍ୱର, ସେଇ ଶବ୍ଦ, ସେଇ ସେଇ ଭାଷାର
ମୋହକୁ। ମୋ ସ୍ୱପ୍ନର ଫୁଲବଣ
ଭିତରେ ଅଭିମାନର ଖଣ୍ଡ ଖଣ୍ଡ କଳାମେଘ
ବର୍ଷିଯାଏ ଆକାଶରେ,
ଚିହ୍ନାଚିହ୍ନା ଦ୍ୱିପ୍ରହର ଫିକା ପଡ଼ିଯାଏ
ମୁଁ କେବଳ ମରିମରି ଜୀଉଁଥାଏ ଶହଶହ ଥର ।
ଏବେ ଆଉ ଆକାଶରେ କଳାମେଘ ନାହିଁ
ସମୁଦ୍ରରେ ଅସଂଖ୍ୟ ଲହଡ଼ି
ଏବେ ଆଉ କୁହୁଡ଼ିରେ ଦୂର ଗାଁ ବୁଡ଼ିଯାଏ ନାହିଁ
ରାଶିରାଶି ରଣିଫୁଲ ଫିଟିପଡ଼େ ଅଗଣାରେ ମୋର
ମୋ ହାତ ପାପୁଲିରେ କିଏ ସେ
ଧରେଇଦିଏ ଫୁଲର ଟାଙ୍ଗୁଡ଼ି।
କେମିତି ଅସହାୟ ଆସେ ପୁଣି ଫେରିଯାଏ
ଆପଣା ରାସ୍ତାରେ,
କେମିତି ଦୁଃସ୍ୱପ୍ନ ସବୁ ହୋଇ ଝରିପଡ଼େ
ସକାଳ ଖରାରେ,
କେମିତି ଏ ମାଟି, ପାଣି, ପବନ ବି
କଥାକହେ ମୋ ସହ
କାହା ନାଁ ଧରି ଡାକିଡାକି, ମୁଁ ଯେବେ ଚାଲିଚାଲି
ଥକିପଡ଼େ ଆପଣା ରାସ୍ତାରେ।
ମୁଁ ବାୟାଣୀ କେତେ ଗହନ ଭାବରେ
ବୁଝିଲି କୁମ୍ଭୀର ଆଖିର ନିଦ, ଝିଣ୍ଟିକାର ଯାଦୁକରୀ
ସ୍ୱର, ଏକ୍ଲା ଦ୍ୱୀପର।
କାହା ଲୋଡ଼ିବାପଣରେ ଗଢ଼ା
ନିର୍ବାସନ, ଏତେ ମିଠା ବୋଲି ତ ମୁଁ
ବାରମ୍ବାର ଭୋଗିଲି ମୋ ଭାଗ୍ୟଫଳ,
କାହା ଅଭିମାନରେ ତିଆରି ରାତି ଏତେ
ମିଠା ବୋଲି ତ ମୁଁ ବାରମ୍ବାର ଲୋଡ଼ିଲି
ସେଇ ରାତି
ଯେଉଁ ରାତିରେ ମୁଁ ଶହଶହ ଥର
ଜନ୍ମ ନିଏ, ଅନ୍ଧାର ଗୁହାରେ ଆଲୋକର
ନୀଳ ଶିଖା ପରି।
ତମେ ମୋ କଅଁଳ ହାତ ପାପୁଲିର
ମଧୁମୟ ସ୍ପର୍ଶ, ମୋ ଶବ୍ଦର ପ୍ରତିଶବ୍ଦ। ଯେଉଁଠି ମୁଁ
ଚିରକାଳ ସମର୍ପଣ ମୁଦ୍ରାରେ ଈଶ୍ୱରଙ୍କୁ ବନ୍ଦୀ କରେ
ଅଦ୍ଭୁତ ମାୟାରେ, ଏଣିକି ମୁଁ ବୁଝିପାରେ
ଯାହାଯାହା ସେସବୁ ଅଲେଖା ଗୀତ ଆଜି
ଲେଖିଦେବି ଅନେକ ଡେରିରେ।
ତମେ ପଢ଼ିବ ମୋ ଗୀତ
ତମେ ବୁଝିବ ମୋ ଲୁହର ପରିଭାଷା,
ତମେ ମୋର ପ୍ରିୟତମ
ଅବଶିଷ୍ଟ ସ୍ୱପ୍ନର ସାରାଂଶ।

♥ ବିଶ୍ୱନାଥପୁର, ରାହାଂଜ, ରାଣୀତାଳ, ଭଦ୍ରକ
(ମୋ)୯୩୩୭୫୧୭୮୭୨

## ଗୀତି କବିତା



### ॥ ନିଆଁଖେଳ ॥

**ପୂର୍ଣ୍ଣ ଦାସ**

ଶୁଣୁଛି, କୁଆଡ଼େ ଫୁଲ ହେବାଠାରୁ
ନିଆଁରେ ଅଧିକ ଖୁସି,
ଫୁଲପଣିଆ ମୋ ତୋଳିଦେଇ ତତେ
ଜୁଇରେ ଯିବି ଗୋ ମିଶି ।

ସଅଁପି ଦେବାର ଯେତେ ଖୁସି ତାହା
ପାଇବାରେ କାଇଁ ନାଇଁ,
ତେଣୁ ମୁଁ ନିଆଁକୁ ନିଜର କରିଛି
ଜଳା ଜଉଘରେ ଶୋଇ ।

ଶୁଖିଲା ଡାଳରେ କଅଁଳିବା ପରେ
ଯେତେ ଫୁଲଫୁଟା ଆଶା,
ଅକାଳ ଚଡ଼କ ଆପଣାର କରେ
ନିଆଁରେ ବାନ୍ଧିଚି ବସା ।

ହାଟରେ ବାଟରେ ଗୋଠରେ ମଠରେ
ସବୁଠି ନିଆଁର ଖେଳ,
ହେଲେ ମୁଁ ଖୋଜୁଚି ଅନ୍ଧାରର ସେଇ
ଅଗିଜଳା ସଞ୍ଜବେଳ ।

ସବୁଖେଳ ଠାରୁ ନିଆରା ଖେଳ ଏ
ନିଆଁଫୁଲ ମଣ୍ଡାଇବା,
ଦେବୀ, ତୋ ମନ୍ଦିର ମନ୍ଦାର ସିନ୍ଦୂର
ଯୂପେ ମାନସିକ ହେବା ।

♥ କଣ୍ଡାବଣିଆ,ଛତ୍ରପଡ଼ା
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

### ॥ ସ୍ୱଗତୋକ୍ତି ॥

**ବିକେଶ ସାହୁ**



ଯାହାସବୁ ଅନାୟତ୍ତ
ଆଜୀବନ ସେମାନଙ୍କୁ ମୋର
କ୍ରୀତଦାସ କରିବାର
ନିଷ୍ଫଳ ପ୍ରଚେଷ୍ଟା ହିଁ
କରି ମୁଁ ଆସିଛି ଏଯାବତ୍ ।

ସବୁ ଜାଣି,
ଅଜଣା ହେବାର ଅଭିନୟ
ସବୁ ବୁଝି,
ଅବୁଝା ହୋଇ ରହିଯିବାର କୌଶଳ
ନିଜକୁ ମାପିଚୁପି
ସଂକୁଚିତ କରିଦେବାର କଳା
ଅଥବା, ସ୍ୱପ୍ନମାନଙ୍କ ସମିଧ ପରି ଜୀବନର
ହୋମକୁଣ୍ଡରେ ନିଜ ହାତରେ
ସମର୍ପି ଦେବାର ସମୟରେ
କାୟ-ମନ-ବାକ୍ୟର ସମନ୍ୱୟ,
କିଏ କ'ଣ ଜନ୍ମରୁ ଶିଖିଥାଏ ?

ଆଜନ୍ମ ଯାହା ସାମ୍ନାରେ
ଖରସ୍ରୋତା ନଈଟିଏ
ସବୁକିଛି ଧୋଇ ନେବା ପାଇଁ
ଆମନ୍ତ୍ରଣ କରୁଥାଏ ବିଭିନ୍ନ ଆଳରେ
ସେଠି ପହଁରା ଶିଖିଥିଲେ ଅବା ନଶିଖିଥିଲେ
କ'ଣ ଯାଏ ଆସେ ?

ସ୍ଥିର ପାଣିରେ ସିନା ନିଜକୁ ରଖିହୁଏ
ନିଜ ଅୟତ୍ତରେ ।

କିନ୍ତୁ ଯେଉଁଠି ଦେହଗୋଟାକ ଶୁଷ୍କ ତୃଣପରି
ଭାସିଯାଏ ନଈ ଧାରରେ
ହାତ ଗୋଡ଼ ପକ୍ଷଘାତ ହୋଇ
ବିଛଣାରେ ପଡ଼ିଥିବା
ପଙ୍ଗୁ ଅଥବା ଅଥର୍ବ ପରି
ଅଚଳ ହୋଇ ପଡ଼ିରହେ
ସେତେବେଳେ ଆଉ କ'ଣ ଉପାୟ !
ଉର୍ଦ୍ଧ୍ୱମୁଖ ହୋଇ ନିଜକୁ ବିସର୍ଜି ଦେବା ଛଡ଼ା
ସେହି ପରିଚିତ ନଦୀଗର୍ଭରେ ।

ଯେତେବେଳେ ଯାହା ଯାହା
ଯେପରି ଭାବରେ
ଯାହାକୁ କହିବି ବୋଲି ଭାବିଥାଏ
ସେତକ କ'ଣ ସେମିତି
ସେଇମାନଙ୍କ ଆଗରେ ମୁଁ କହିପାରେ !
ସବୁଥର ବାଚଳାମି ହିଁ ମୋର ଧେୟ ହୁଏ ।

କହିବି ନ କହିବିର ଦ୍ୱନ୍ଦ୍ୱରେ
ସମୟତକ ବିତିଗଲା ପରେ
ଆଉ କ'ଣ ମୂଲ୍ୟ ଥାଏ
ସେଇସବୁ ଶବ୍ଦ ଆଉ
ବାକ୍ୟମାନଙ୍କର
ଯାହାସବୁ ସଞ୍ଚିଥିଲି ରାତି ରାତି
ବିନିଦ୍ରତାର ପ୍ରତିବଦଳରେ ।

କହିଛି ତ, ଯାହାସବୁ ଅନାୟତ୍ତ
ଆଜୀବନ ସେମାନଙ୍କୁ ମୋର
କ୍ରୀତଦାସ କରିବାର
ନିଷ୍ଫଳ ପ୍ରଚେଷ୍ଟା ହିଁ
କରି ମୁଁ ଆସିଛି ଏଯାବତ୍ ।

♥ ଓଡ଼ିଆ ଅଧ୍ୟାପକ,
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ
ମୋ. ୯୩୩୭୧୬୬୧୭୨

### ॥ ନିଷ୍ଠୁର ଜୀବନ ॥

**ଏଲିନା କାନୁନଗୋ**



ଜୀବନଟା ଏତେ ନିଷ୍ଠୁର ନୁହେଁ ମ
ଯେତିକି ମୁଁ ଭାବୁଥିଲି...
ଜୀବନଟା ସେତେ ସରଳ ବି ନୁହେଁ
ଯେତିକି ମୁଁ ମାପିଥିଲି ...
ଏଠି ସବୁଦିନ ବାଲିଯାତ୍ରା
କିନ୍ତୁ ଯାତ୍ରା ପଛର ଅନ୍ଧକାର
ସତରେ ବଡ ଭୟଙ୍କର ...

ଏଠି ମଣିଷ ବି ଗଧ ପରି ଖଟେ
ଆଉ ଘୋଡ଼ା ବି
ପେଟ ପାଇଁ ପାଲଟି ଯାଏ ଗଧ
ତଥାପି ଜୀବନଟା
ସେତେ ନିଷ୍ଠୁର ନୁହେଁ
ଯେତିକି ମୁଁ ଭାବୁଥିଲି ...

ଏଠି ଅନ୍ଧାର ଭିତରେ ବି ଖୁସିର ଛୁଙ୍କ ଅଛି
ଆଉ ଜହ୍ନ ଆଲୁଅରେ ବି ସ୍ୱର୍ଗ ଅଛି
ଏଠି ସେ ସବୁ କିଛି ଅଛି
ଯାହା ସ୍ୱର୍ଗରେ ନାହିଁ ...

ସବୁଠୁ ବଡ କଥା
ଏଠି ଏତେ ଦୁଃଖ ଅଛି ଯେ
ତା ଭିତରୁ ସୁଖ ଖୋଜି ବାହାର କରିବା
କିଛି ସ୍ୱର୍ଗପ୍ରାପ୍ତି ଠୁ କମ୍ ନୁହେଁ ...

ଏଠି ପ୍ରେମ ଅନ୍ଧ ଗଳିରେ ମିଳେନି
ବରଂ ତୃଷ୍ଣାର ତୁଠରେ ମିଳେ ...
ସ୍ନେହ ଏଠି ମାଗିଲେ ମିଳେନି
ବରଂ କାଇଦା କରି
ହାସଲ କରିବାକୁ ପଡେ ...

ଏଠି ସବୁର ମୂଲ୍ୟ ଅଛି
କିଛି ଦେଲେ କିଛି ମିଳେ ...
ସେଥିପାଇଁ ଭାବେ
ଜୀବନଟା ସେତେ ବି ନିଷ୍ଠୁର ନୁହେଁ
ଯେତିକି ମୁଁ ଭାବୁଥିଲି ...

♥ ତୁଳସୀପୁର, କଟକ
(ମୋ) ୮୯୧୭୩୭୩୭୦୨

ଛୋଟ ଗଳ୍ପ

# ନଈ ବୁଝେନାଇଁ ନୟନ ନୀର

## ପ୍ରଫୁଲ୍ଲ ବାରିକ



ଆଜିକୁ ପାଞ୍ଚଦିନ ମକୁ ଯିବାର । ନଈରେ ଜାଲ ପକଉଥିବାବେଳେ କୁମ୍ଭୀର ପାଟିରେ ଗଲା । ତା ଘରଣୀ ଲୁହ ଡବଡବ ଆଖିରେ ଅନେଇ ବସୁଛି ତାକୁ ନିଇତି ଯାଇ ନଈକୂଳରେ । କାଳେ ଫେରିବ ମକୁ, ଆଶା ବାନ୍ଧି । ଗାଁ ଲୋକଙ୍କ କଥା ମାନୁନି । ତା ଲକ୍ଷ୍ୟରେ ଅଟଳ ସିଏ ।

ଦୁଇ ସାନସାନ ଶିଶୁଙ୍କୁ ନେଇ ଚାରି ପ୍ରାଣୀ କୁଟୁମ୍ବର ସଂସାର ମକୁର । ଜମି ବୋଲି ଗୋଟେ ନାଇଁ । ଦେହ ମେହନତିରେ ଚଳେ ସଂସାର । ସ୍ତ୍ରୀ ସଜନୀ ବି ଘର କେଇଟାରେ ପାଇଟି କରି ସହାୟତା ଦିଏ ମକୁକୁ ଘର ଚଳେଇବାରେ ।

ସେଦିନ ଦି'ପହରକୁ ଫେରିଥାଏ ମକୁ କାମରୁ । ଭାତ ଦି'ଟା ଫୁଟେଇ ସଜନୀ ବସିଥାଏ । ପରିବା ଥିଲେତ ତର୍କାରୀ କରିବ । ମକୁ ପଚାରିବାରୁ କହିଲା, ଜାଲ ନେଇକି ଯାଅ ନଈଆଡ଼େ । ଯାହା ପାଇବ ଆଣିଲେ ହବ । ନାଇଁତ ଖାଲି ଭାତ ଦିପହରକୁ । ମକୁ କ୍ଲାନ୍ତ ଥାଏ କ୍ଷ ଯିବାକୁ ଇଛା ନକରୁଥିବା ସତ୍ୱେ ଅବସ୍ଥା ଚକ୍ରରେ ଗଲା ଜାଲଧରି ନଈକୁ ।

ଘରପାଖରୁ ଡାକେ ବାଟ ନଈ । ବିରାଟ ଶରୀରରେ ବହି ଚାଲିଛି ବୈତରଣୀ । ଜୁଆର ଛାଡିଥିବାରୁ ଖସିଯାଇଛି ପାଣି ତଳକୁ । ନଈ ଲାଗୁଚି ଗଭୀରିଆ, ମରଣକୂପ ପରି । ମକୁ ଆଖି ବୁଲେଇଲା । କେହି ଜଣେ ପଡିଲେନି ଆଖିରେ । ଗାଧୁଆବେଳ ହେତୁ ସମସ୍ତେ ଏବେ ଧନ୍ଦାଛାଡି ଘରେ । ମକୁ ଲୁଙ୍ଗିକୁ ଭିଡି ଓହ୍ଲେଇଲା ନଈକୁ । କ୍ଷେପେ ଦି'କ୍ଷେପେ ପକେଇଚି, ବିରାଟ ଶବ୍ଦଟିଏ ଶୁଭିଲା ପାଣିରୁ । କେଇହାତ ଦୂରରେ ଘାସ କାଟୁଥାଏ ସପନା । ମକୁ ଅଲକ୍ଷ୍ୟରେ । ଶବ୍ଦ ଶୁଣି ସପନା ଅନେଇଲା ବେଳକୁ ସବୁସଫା । କୁମ୍ଭୀର ଟାଣିନଉଚି ମଣିଷଟିଏକୁ । ଖାଲି ହାତ ଦିଇଟା ପିଟିବାର ଦିଶୁଚି ଉପରକୁ । ସିଏବି ନିଶ୍ଚିହ୍ନ ହେଇଗଲା ଅନଉ ଅନଉ । ସପନା ଦେଖିଥିଲା ମକରାଇକୁ ଜାଲଧରି ଆସିବାର । ତାକୁଇ ନେଇଗଲା ବୋଧେ କୁମ୍ଭୀର । ସପନା ଦାଆ ଘାସ ଛାଡି ଧାଇଁଲା ଗାଁ'କୁ । ଗାଁ ଗୋଟା ଅଜାଡି ପଡିଲେ ନଈପଠାରେ । ନଈଥିଲା ଶାନ୍ତ ସୁଧୀର । ଏପଟ ସେପଟ ଧାଁ' ଧପାଳିରେ ଖୋଜିଲେ ଅନେକ । କିଛି ମିଳିଲାନି ସନ୍ଧାନ । ସଜନୀ ଖାଲି ମୂର୍ଚ୍ଛା ପରେ ମୂର୍ଚ୍ଛା ଯାଉଥାଏ ଘାସରେ ଗଡିଗଡି । ଚେତା ଆସିଲେ ତା କାନ୍ଦଣାର ସ୍ୱର ପ୍ରତିଧ୍ୱନିତ ହେଉଥାଏ ନଈର ଗଭୀର ଛାତିରେ । ଲୋକେ ବୁଝେଇ ସୁଝେଇ ଟାଣିଟାଣି ଆଣିଲେ ତାକୁ ଘରକୁ । ଗାଁ ଗୋଟାକରେ ଖେଳିଗଲା ଶୋକର ଛାୟା । ସେଦିନ ଦି'ପହରେ କେହି ଖାଇନାହାନ୍ତି ସାରା ଗାଁ ।

ସଜନୀ ସେବେଠୁ ଯାଇ ବସୁଛି ନଈ କୂଳରେ । ଶୁଣିଥିଲା କୁମ୍ଭୀର ଯାହାକୁ ନିଏ, ସାଥେସାଥେ ଖାଏନା । ଛପେଇ ରଖେ ନିରାପଦ ଜାଗାରେ । ପରେ ଆସି ଖାଏ । ଯଦି ସିମିତି ହେଇଥାଏ, ଚେତା ଆସିଲେ ନିଶ୍ଚିତ ଆସିବ ମକୁ । ତାର ବିଶ୍ୱାସ, ଭରଷା ଅଛି ଭଗବାନଙ୍କ ଉପରେ । ଏଡ଼େ ବଡ଼ ଦଣ୍ଡ ଦେବେନି ସିଏ ତା ଦୁଃଖୀ ପରିବାରକୁ । ମକୁ ତାର ସବୁକିଛି । ତା'ରି ଠାରେ ତା ମନ ପ୍ରାଣ ଶରୀର । ଭୂତ ଭବିଷ୍ୟତ ସବୁ ସମର୍ପିଚି ତା'ଠି । କୋଳରେ ଶିଶୁ ଦୁଇଟି । ମକୁବି ଭାରି ଭଲ ପାଏ ତାକୁ । ମକୁର ନିରୋଗ ଶକ୍ତଶରୀର ସମ୍ପତ୍ତି ସପନୀର । ତାର ପିଟା ଲୁହାପରି ଦେହରେ ଶିଳପୁଆ ପରି ବାହୁଦି'ଟା ନିରାପତ୍ତାର ଛତା ସଜନୀ ମଥାରେ । ସେ ଆଉ ଲୋଡ଼େନା କିଛି, କି ଡରେନା କାହାକୁ ।

ମକୁ କାମରୁ ଫେରିଥିଲା । ଥିଲା କ୍ଲାନ୍ତ ଭୋକିଲା । ସେଇ ଚାଣ୍ଡାଳୁଣି ପଠେଇଲା ତାକୁ ନଈକୁ । ନଈକୁ ତ ନୁହଁ, କୁମ୍ଭୀର ମୁହଁକୁ । ମରଣ ମୁହଁକୁ । ମକୁର ମୃତ୍ୟୁ ପାଇଁ ଦାୟୀ ସିଏ । ଗୋଟାପଣି । ଯେତେ ମନେପଡୁଥାଏ, ଛାତିକୁ ବାଡେଇ, ମାଟିରେ ମଥାପିଟି ସେତେ କାନ୍ଦୁଥାଏ ସଜନୀ । ଲୁହ ପୋଛି ପୁଣି ନଈମୁହାଁ ହେଇ ବସୁଥାଏ ଆଣ୍ଠୁ ଦୁଇଟି ଉପରେ ମୁହଁରଖି । ଘାସଭେଳେ, କି ସିମିତି କିଛି ଭାସି ଆସିଲେ ଠିଆହେଇ ଅନାଏ, କାଳେ ଏଥିରେ ଥିବ ମକୁ । ଭାସି ଯାଏ ଭେଳା ସୁଅରେ । ତା ସହ ସଜନୀର ଆଶା ବି । ଫେରିଆସେ ବସିଥିବା ଜାଗାକୁ । ନା ନଜର ପିନ୍ଧା ଶାଢି ପ୍ରତି, ନା ମୁଣ୍ଡ ବାଳ । ଯୋଗିନୀଟିଏ ପରି ଏକାକି ନଈକୂଳେ ବିତୁଚି ସକାଳୁ ସଞ୍ଜ । ଆଜିକୁ ପାଞ୍ଚ ଦିନ ଧରି ।

ବାହାରେ ପାର୍ବଣ ଭିଡ଼ । ଆସିଛନ୍ତି ଦଶଭୁଜା । ଆନନ୍ଦର ହିଲ୍ଲୋଳରେ କମ୍ପୁଛି ଧରା । ସଜନୀ ହାତ ଯୋଡ଼ିଲା ମାଆଙ୍କୁ । ମହାଅଷ୍ଟମୀ ଉପବାସ ରଖିଲା । ତା ପରଠୁ ଦଶରାଯାକେ ଅର୍ଦ୍ଧାହାରୀ ହେଇ ଏକାଗ୍ରତାରେ ଡାକିଲା ଜଗଜ୍ଜନନୀଙ୍କୁ । ଭରଷାର ପାହାଡ଼ ମନରେ, ମାଆ ଶୁଣିବେ । ଫେରିବ ମକୁ । ହସିବ ତା ଉଜୁଡା ସଂସାର ।

ଦଶରା ଗଲା । ସଜନୀ ବ୍ୟଗ୍ରତାର ସହ ଅପେକ୍ଷାରେ ଥାଏ ମାଆଙ୍କ ଦାନକୁ । ନଈରେ କୁଟା ଖିଏ ଭାସୁଥିବାର ଦେଖିଲେ ସଜନୀ ଉଠିପଡ଼ି ଦରାଣ୍ଡେ । ସେଦିନ ଭାସିଭାସି ଆସୁଥାଏ ବିରାଟ ଗୋଟେ କ'ଣ । ସମ୍ପୂର୍ଣ୍ଣ ବୁଡିଥିଲେ ବି କିଛିଅଂଶ ଦିଶୁଥାଏ ପଦାକୁ । ଠିକ୍ ମଣିଷ ଶରୀରର ଅଂଶ ବିଶେଷ ପରି । ସଜନୀ ମନକୁ ଉଇଁଆସିଲା ଆଶାର ରବି । ଭରସାର ଶ୍ୟାମଳ ବାଦଲ ଭେଳେ ଭାସିଲେ ତା ଆଖିରେ । ଧଡ଼ଧଡ଼ ଛାତିନେଇ ସଜନୀ ଆଣ୍ଠୁଏ ପାଣିରେ ପଶି ଦେଖିଲା ଜିନିଷଟିକୁ । ମାଟି ଛାଡିଯାଇ ଛଣର ଅବୟବ ଦିଶୁଚି ଠା ଠା । ମୁହଁଟି ଉପରକୁ । ରହିଛି ଆକାଶ ମୁହାଁ । ଛାଡିବି ଛାଡିନି ସମ୍ପୂର୍ଣ୍ଣ ମାଟି । ରଙ୍ଗ ଧୋଇ ଛାବୁକା ଛାବୁକା । ଚିହ୍ନିବାରେ କଷ୍ଟ ହଉନି ମାଆଙ୍କୁ । କି ଭୟଙ୍କର, ବିଭତ୍ସ! ନିଭିଯାଇଛି ଅଧରରୁ ହସ । ପ୍ରସ୍ତପ୍ରସ୍ତ କାରୁଣ୍ୟ ସେଠି । ସଜନୀ ଦେଖି ପାରିଲାନି ଦୃଶ୍ୟ । ଧୈର୍ଯ୍ୟ ରହିଲାନି । ଆଖି ଫେରେଇ ଆଣି ଫେରି ଆସୁଥିଲା । ବୁଲି ଅନେଇଲା ବେଳକୁ ମୂର୍ତ୍ତି ଆଉନାହିଁ । ଭାସି ଯାଇଛି ପାଣି ତୋଡରେ ।

ସଜନୀ ନ ବସି ଠିଆହେଲା । ଏଥର ତା ମନକୁ ଆସିଲା ଭିନ୍ନ ଧାରଣା । ତା ଭିତରୁ ଶୁଣିଲା କେହି କହିବାର - ଏହାଙ୍କୁ କରୁଥିଲୁ ଗୁହାରି ? ପ୍ରାର୍ଥନା, ଫେରେଇ ଦେବାକୁ ତୋ ସୌଭାଗ୍ୟ ସିନ୍ଦୁର ? ଯିଏ ଅକ୍ଷମ ନିଜ ରକ୍ଷାରେ, ସିଏ କରିବ ତୋତେ ରକ୍ଷା ? ପାଗିଳୀଟା । ମନେପକା ପ୍ରଭୁ ଶ୍ରୀକୃଷ୍ଣଙ୍କ ମୃତ୍ୟୁକୁ । ଭଗବାନ ହେଇ ବଂଚେଇ ପାରିଛନ୍ତି ଜାରାଶବର ତୀରରୁ ନିଜକୁ ? ସ୍ୱୟଂ ଜଗନ୍ନାଥ ଜଳନ୍ତା ଶରୀରରେ ଘୋଡାଟାପୁରେ ବନ୍ଧାଯାଇ ଘୁସୁରି ଘୁସୁରି ବଡ଼ଦାଣ୍ଡରେ ନିକ୍ଷେପିତ ହେଇଛନ୍ତି ମହୋଦଧିରେ । ବଂଚେଇ ପାରିଛନ୍ତି ?

ନିୟତିର ବିଧାନରୁ କେହି ନୁହନ୍ତି ମୁକ୍ତ । ସେ ଦେବତା ହୁଅନ୍ତୁ କି ମଣିଷ । ଆଖି ଖୋଲ । ହେଇଯା ମୋହମୁକ୍ତ । ଗ୍ରହଣ କର ନିୟତିର ନିର୍ଦ୍ଦେଶକୁ । ବିଧାନକୁ ମାନିବା ଛଡା ତୋର ଅନ୍ୟଗତି ନାଇଁ ଲ ଫେରିଯା ସଂସାରକୁ । ପିଲା ଦିଓଟି ଛଟପଟ ଭୋକ ଯନ୍ତ୍ରଣାରେ । ତାଙ୍କ ମୁହଁରେ ଦେଇ ସାହାହଅ ତାଙ୍କୁ । ସେଥିରେ ଖୁସିହେବ ମକୁ । ନାଇଁତ ଛଟପଟ ହେବ ତା ଆତ୍ମା । ସଦ୍ଗତି ତ ଦୂର ।

ସଜନୀ ଲୁଗାକାନୀକୁ ଭିଡିଆଣି ଗୁଡେଇ ଦେଲା କମରରେ । ଆଖିରୁ ଲୁହପୋଛି ପାଦ ବଢ଼େଇଲା ଘରକୁ । ଏଥର ମକୁ ନୁହେଁ, ତା ଆଖିରେ ଭାସିବାକୁ ଲାଗିଲେ ପିଲାଦିଇଟି ।

♥ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ



ଅନୁବାଦ ଗଳ୍ପ

# ଗୋ ହତ୍ୟା

ମୂଳ ହିନ୍ଦୀ : ସୁରେଶ ସର୍ବେଦ
ଅନୁସୃଜନ : କ୍ରିଷ୍ଣା କୁମାର 'ଅଜନବୀ'



ନନକି କେବେ ଭାବିନଥିଲା ଯେ ତା' ମୁଣ୍ଡରେ ଏତେବଡ ପାପଟା ଲଦି ଦିଆଯିବ । ଅନ୍ଧାରିଆ କୋଠରୀରେ ସେ ଏକ୍‌ଲା ବସି ଭାବୁଥାଏ । କୋଠରିର ଅନ୍ଧାରଠୁ ବଳି ଘନ ଅନ୍ଧକାର ତାକୁ ତା' ମନ ମଧ୍ୟରେ ଅନୁଭୂତ ହେଉଥାଏ । ଉକ୍ତ ଅନ୍ଧାରିଆପଣ ତାକୁ ତିଳ ତିଳ କରି ଗ୍ରାସ କରୁଥାଏ । ତା' ମନରେ ଅନେକ ଭାବନା ଜାଗ୍ରତ ହେଉଥାଏ । କ'ଣ ସେବା-ଶୁଶ୍ରୂଷାର ମଧ୍ୟ ଏଭଳି ପରିଣାମ ହେଉଥାଏ କି ? ଯାହାକୁ ସେ ଦିନେ ଏତେ ଭଲ ପାଉଥିଲା, ତାକୁ ସେ କେବେ ହତ୍ୟା କରିପାରିବ କି ? ନିଜ ହୃଦୟଠୁ ଆହୁରି ଅନ୍ତରଙ୍ଗକୁ ସେ କ'ଣ ଏମିତି ହଜେଇ ଦେଇପାରେ ? ଏଭଳି ଅନେକ ପ୍ରଶ୍ନ ତା' ମନ ମସ୍ତିଷ୍କରେ ଉଙ୍କିମାରି ବିବ୍ରତ କରୁଥାଏ । କିନ୍ତୁ ଏ ସବୁ ପ୍ରଶ୍ନର ସମାଧାନ ବା ଉତ୍ତର ସେ ନିଜେ ମଧ୍ୟ ଖୋଜି ପାଇପାରୁ ନଥାଏ ।

ନନକି ଏ କଥାକୁ ନିଜେ ମଧ୍ୟ ସହଜରେ ଗ୍ରହଣ କରିପାରୁନଥିଲା ଯେ, ଯୋଉ ସମାଜ, ଯୋଉ ପରିବାର ତା'ର ଗୋ ସେବା ଓ ଗୋ ଭକ୍ତି ପ୍ରଶଂସା ନକରି ରହିପାରୁନଥିଲା; ସେ ଆଜି ଗୋ ହତ୍ୟା ଭଳି ଏକ ଜଘନ୍ୟ ଅପରାଧକୁ ତା' ମୁଣ୍ଡରେ ଲଦି ଦେଇ ତାକୁ ଘୃଣା ଚକ୍ଷୁରେ ଦେଖିବ । ଅନ୍ୟ କଥା ଛାଡ, ତା' ନିଜ ସ୍ତ୍ରୀ ରାମଶିଳା, ଯିଏ କି ତା' ସହିତ ବିବାହ ବେଦୀରେ ଅଗ୍ନିକୁ ସାକ୍ଷୀ ରଖି ସାତଜନମ ପର୍ଯ୍ୟନ୍ତ ସୁଖ ଦୁଃଖର ସାଥୀ ସାଜିବାକୁ ସାତ ଭଅଁର ପକେଇ ଶପଥ କରିଥିଲା, ସେ ମଧ୍ୟ ଦୋଷାରୋପ କରିବାକୁ ପଶ୍ଚାତ୍‌ପଦ ହେଲାନି । ଅନ୍ଧାରରେ ଥାଇ ମଧ୍ୟ ସାଙ୍ଗ ଛାଡି ଯଦି ଚାଲିଯାଏ, ତେବେ ମଣିଷ ଆଉ କ'ଣ ବା କରିପାରେ ? ତା' ସ୍ତ୍ରୀ ରାମଶୀଳା ତା' ଛାଇ ନୁହଁ ତ ଆଉ କ'ଣ ? ସେ ମଧ୍ୟ ତାକୁ ଅନ୍ତତଃ ସାହାଯ୍ୟ ସହଯୋଗ କରିବାର ପରିବର୍ତ୍ତେ ତା' ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲା । ନନକି ଘର ଗାଈର ମୃତ୍ୟୁ ପାଇଁ ସବୁତକ ଦୋଷ ନନତି ମୁଣ୍ଡରେ ଲଦି ଦେଇଥିଲା ସେ । ନନକିର ସବୁତକ ବାଟ ବନ୍ଦ ନୁହଁ ତ ଆଉ କ'ଣ ? ତା' ଭାଗ୍ୟରେ ତାଙ୍କ ସମାଜ ପଶ୍ଚତ୍ତାପର ବୋଝ ମୁଣ୍ଡେଇ ଦେଇଥିଲେ; ଏହାର ପ୍ରତିକାର ସେ ଆଉ କ'ଣ କରନ୍ତା ! ତା' କଥା ଶୁଣିଛି କିଏ ? କିଏ ଅଛି ଯେ ତା' କଥା ଶୁଣିବ ? ଜଣେ ଅନ୍ୟ କେହି ଥିଲେ ସିନା ସେ ନିଜ କଥା କହିବାର ସାହସ କରନ୍ତା । କିନ୍ତୁ ଏଠାରେ ତ ସଭିଏଁ ତା କୃତ୍ୟକୁ ଘୃଣ୍ୟ ଓ ଜଘନ୍ୟ ବୋଲି ପ୍ରମାଣିତ କରିବାକୁ ପଛଉ ନାହାନ୍ତି ।

ଅନ୍ଧାରି ବଖରାରେ ମଧ୍ୟ ତାକୁ ଗୁଡି ଚଉରାରେ ଏକତ୍ରିତ ହେଇଥିବା ବୈଠକରେ ଗାଁ ଲୋକଙ୍କ ମୁହଁସବୁ ଫର୍ଚ୍ଚା ଫର୍ଚ୍ଚା ଦେଖାଯାଉଥାଏ । ତାଙ୍କ ପାଟିରୁ ବାହାରୁଥିବା ବିବ୍ରତକର କଥା ସବୁ ତାକୁ ସ୍ପଷ୍ଟ ଶୁଣାଯାଉଥିଲା । ଉକ୍ତ ବୈଠକରେ ଏପରି ଲୋକମାନେ ମଧ୍ୟ ଆସି ପହଞ୍ଚିଥିଲେ, ଯେଉଁମାନେ କି ଜୀବନରେ କେବେ କୌଣସି ସଭାକୁ ଆସୁନଥିଲେ ଅର୍ଥାତ୍ ଅଗା ବଗା ଖଗା ସମସ୍ତେ ଆସି ନିଜ ଉପସ୍ଥିତି ଦେଇଥିଲେ ଉକ୍ତ ସଭାରେ, ଆଉ ସମସ୍ତେ ତାକୁ 'ଗୋ ହତ୍ୟା' ମାମଲାରେ ଦୋଷାରୋପ କରି ସମବେତ ସ୍ୱରରେ 'ଛି ଛି ଓ ଥୁଃ ଥୁଃ' କରୁଥାନ୍ତି ।

ଗୁଡି ଚଉରାରେ ଉତ୍‌ଥାପିତ ପ୍ରସଙ୍ଗକୁ ନେଇ ନନକି ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲା । ଗୋଟେ ପଟେ ତା'ର ଗୋ ଭକ୍ତି ଅର୍ଥାତ୍ ଗାଈ ପ୍ରତି ପ୍ରକଟିତ ସ୍ନେହ ମମତା ଓ ଆରପଟେ ଗୋହତ୍ୟା ଭଳି ଜଘନ୍ୟ ଅପରାଧରେ ସେ ଅଭିନିନ୍ଦିତ ହେଉଥାଏ । କେହିକେହି କହୁଥାନ୍ତି- "ଗାଈ ପ୍ରତି ତା'ର ମମତା କେବଳ ଉପୁରି ଥିଲା ଅର୍ଥାତ୍ ଉପର ଦେଖାଣିଆ । ହଉ, ଦେଖାଯାଉ ପଞ୍ଚାୟତ (ନ୍ୟାୟମଣ୍ଡଳୀ) କି ଫଇସଲା କରୁଛି" ?

ସୁଯୋଗ ପାଇ ଜଗନ କାହିଁକି ପଛରେ ରୁହନ୍ତା ! ସେଦିନ କଥା ସ୍ମରଣ କରି ସେ କହି ଉଠିଲା ଯେ ତା'ର ଗାଈ ନନକି ବିଲରେ ପଶି କ'ଣ କିଛି ଖାଇଯିବାରୁ ସେ ତାକୁ ବୁଝେଇବା ଭଳି ଢଙ୍ଗରେ କହିଥିଲା ପରା.... " ଦେଖ ଜଗନ, ତୋ' ଗାଈ ଗୋରୁ ମୋ ବିଲବାଡିରେ ପଶି ଚାଷତକ ଖାଇ ନଷ୍ଟ କରିଦେଉଛନ୍ତି । ତୁ ଏମାନଙ୍କୁ ନିଜ ଘରେ ବାନ୍ଧି ଛନ୍ଦି କିମ୍ବା ଭଲ ଗାଈ ଜଗୁଆଳି ପିଲାଟିଏ ଠିକ୍ କରି ଚରେଇବାକୁ ପଠାଅ । ତା' ନହେଲେ ମୁଁ ଏମାନଙ୍କୁ କାଞ୍ଜିହାଉସ୍‌ରେ ଭର୍ତ୍ତି କରିବାକୁ ବାଧ ହେବି ।

ଜଗନର ଗାଈ ଗୋରୁ ସବୁ 'ପଳାତକ' ପ୍ରବୃତ୍ତିର । କେତେବେଳେ ମଉକା ଦେଖି ବାଟ କାଢି (ବାଟଭାଙ୍ଗି) ଚାଲିଯାଆନ୍ତି ଯେ ଜଗୁଆଳ ମଧ୍ୟ ଏକଥା ମୋଟେ ଠଉରେଇ ପାରେନାହିଁ । ସେଭଳି ପରିସ୍ଥିତିରେ ଜଗୁଆଳ ପିଲାଟି ମଧ୍ୟ କ'ଣ କରିପାରିବ ଯେ ? ଥରେ ଦୁଇଥର ଜଗନ କଥା ଜଗୁଆଳିକୁ କହିବାରୁ ସେ ନିରୂପାୟ ହୋଇ କହିଥିଲା, "ମୁଁ କ'ଣ ଆଉ କରିବି ସାଆନ୍ତ ! ଗାଁଟା ଯାକର ଗାଈ ଗୋଟେ ପଟେ ହେଲେ ତମ ଗାଈ ଗୋଟେ ପଟେ ଦୌଡି ପଳେଇ ଯାଉଛନ୍ତି ପରା । ମୁଁ ଦେଖୁ ଦେଖୁ ସେମାନେ ଆଖି ପିଛୁଳାକେ କୁଆଡେ ଉଭେଇଁ ଯାଆନ୍ତି ଯେ । ଜାଣି ହୁଏନି କି ବୁଝିହୁଏନି । ଯେତେ ଆକଟ କରି ମୁଁ ଆଣିବାକୁ ଚେଷ୍ଟାକଲେ ମଧ୍ୟ ସବୁ ନିରର୍ଥକ । ସେମାନେ ଜମା ଆସନ୍ତିନି । ତମେ କହୁନ, ମୁଁ ତମ ଜଣକ ଗାଈ ପାଇଁ କେତେ ଧନ୍ଦେଇ ଦେବି ? ଭଲ ହୁଅନ୍ତା, ଯଦି ତମେ ଏହାକୁ ନିଜ ଘରେ ବାନ୍ଧି ରଖନ୍ତ ।"

ଜଗୁଆଳି କଥା ଶୁଣି ଜଗନ ରାଗରେ ଦାନ୍ତ କଡମଡ କରେ । କିନ୍ତୁ କ'ଣ ହେବ ? ପଟେ ଗାଈ ହେଲେ ବାନ୍ଧି ରଖନ୍ତା । ହଳେ ବଳଦ ଓ ହଳେ ଗାଈ ବାଛୁରି ଏକ ରକମର ଥା'ନ୍ତି । ଏମାନଙ୍କୁ କ'ଣ ସତରେ ବାନ୍ଧି ରଖି ହେବ କି ? ଏ ଚାରୋଟି ଜନ୍ତୁ ଗାଈ ଗୋଠରେ ଜମା ରୁହନ୍ତିନି । ଏମାନେ ପରା ଜନ୍ମରୁ ଗୋଠ ଖଣ୍ଡିଆ । ଜଗନ ଭଳି କଥା ଅନ୍ୟ କେତେଜଣ ଗାଁ ଲୋକ ମଧ୍ୟ ତାକୁ କହି ସାରିଥିଲେ । ଜଗନ ବାସ୍ତବରେ ନିରୂପାୟ । ଏମାନଙ୍କ ପାଇଁ ସେ ଲୋକଙ୍କ ମୁହଁରୁ ପଦେ ଅଧେ କଥା ଶୁଣିବାକୁ ବାଧ ହୁଏ ।

ଆଜି ତାକୁ କହିବାର ସୁଯୋଗ ମିଳିଛି । ସେ କିଆଁ ଛାଡିବ ? ସେ କହିଲା, ରାମୁ କଥା ଅଯୌକ୍ତିକ ନୁହଁ । ପ୍ରକୃତରେ ଯଦି ନନକି ମନରେ ଗାଈ ପ୍ରତି ସ୍ନେହ ମମତା ଥା'ନ୍ତା, ତେବେ ସେ ମୋତେ ଏଭଳି କଥା କୁହନ୍ତା ନାହିଁ । ବରଂ 'ଗୋ ମାତା' ଭାବି ତୁନି ରୁହନ୍ତା । ମୁଁ ଭାବିଛି ସେ ଜାଣି ଜାଣି ତା' ଗାଈକୁ ମାରି ହତ୍ୟା କରି ଦେଇଛି । ତା'ନହେଲେ ଏତେବଡ ଗାଈଟା କ'ଣ ଏକା ପାହାରେ ମରିଯା'ନ୍ତା ? ଏଣୁ ତା'ର ଏଭଳି ଦୋଷକୁ କ୍ଷମା ନକରି କଠିନ ଦଣ୍ଡରେ ଦଣ୍ଡିତ କରାଯିବା ଦରକାର ।

ଜଗନର ଏଭଳି କଥା ତା' ଦେହରେ କଣ୍ଟା ଭଳି ଫୋଡି ହେଇଗଲା । କିନ୍ତୁ ଚାରିଜଣ ଭଦ୍ର ସାମଜ ମଝିରେ ସେ କଥା ପଦିଏ ମଧ୍ୟ ଫେରେଇ ପାରିଲା ନାହିଁ । ତା' ପାଟି ସିଁ ହେଇଯାଇଥିଲା । କିପରି କହନ୍ତା ସେ ! ଯେଉଁ ସ୍ତ୍ରୀ ଜଣକ ତା'ର ଜୀବନ ସଙ୍ଗିନୀ, ସୁଖ ଦୁଃଖର ସାଥୀ, ସେ ମଧ୍ୟ ତା' ବିରୁଦ୍ଧରେ ମତପୋଷଣ କଲା । ଏଣୁ କରି ନନକିର ଷୋହଳ ଅଣା ସତକଥା ମଧ୍ୟ ସମାଜର ଲୋକଙ୍କ ଉପରେ ପ୍ରଭାବ ପକାଇବାର ପ୍ରଶ୍ନ ଉଠୁନଥିଲା । ଏଣୁ ସେ ମୁଣ୍ଡ ନୁଆଇ ସମସ୍ତଙ୍କ ସମ୍ମୁଖରେ କହିଲା, "ମୁଁ କ'ଣ ଆଉ କହିବି ? କିପରି ବା କହିବି ? ମୋ କଥାକୁ ଏଠି କିଏ ବିଶ୍ୱାସ କରିବ ? ଏଣୁ କହିକି କିଛି ଲାଭ ନାହିଁ । ବରଂ ଆପଣମାନଙ୍କ ଭଳି ନ୍ୟାୟବନ୍ତମାନେ ଯାହା ଉଚିତ୍ ବିଚାର କରିବେ ସେଥିରେ ମୁଁ ଏକମତ ହେବାକୁ ବାଧ ହେବି ।"

ଏହା ଶୁଣି ଆସିଥିବା ଲୋକେ ପରସ୍ପର ମଧ୍ୟରେ ଫୁସ୍‌ଫାସ୍ ହେଲେ । ଶେଷରେ ଶେଷ ନିଷ୍ପତ୍ତି ଶୁଣେଇବା ପାଇଁ ବିଚାର ବିମର୍ଷ ଚାଲିଲା ଓ ପଞ୍ଚାୟତର ମୁଖ୍ୟ ନିଜ ନିଷ୍ପତ୍ତି ଶୁଣେଇ କହିଲେ, "ନନକି ଦ୍ୱାରା ଯାହା ଘଟିଯାଇଛି ତାହା ଗୋହତ୍ୟା ଶ୍ରେଣୀର ଅର୍ଥାତ୍ ଗୋହତ୍ୟା ହିଁ ଧରାଯିବ । ଆଉ ଗୋ ହତ୍ୟା ଏକ ମହାପାପ । ଏହାର ପ୍ରାୟଶ୍ଚିତ ସକାଶେ ମଧ୍ୟ ଆମେ ସମାଧାନ ଉପାୟ କରି ଦେଉଛୁ । ଲଗାତାର ଏକୋଇଶ ଦିନ ପର୍ଯ୍ୟନ୍ତ ନନକି ସେହି କୋଠରିରେ ଆବଦ୍ଧ ହୋଇ ରହିବ । ସେ ଇତି ମଧ୍ୟରେ ଉକ୍ତ କୋଠରୀରୁ ପଦାକୁ ଆସିବନି କି କେହି ତା' ସହ ମିଶିବାକୁ ଯିବେନି । କେବଳ ତା ସ୍ତ୍ରୀ ତାକୁ ନିର୍ଦ୍ଧାରିତ ସମୟରେ ଖାଦ୍ୟ ପହଞ୍ଚେଇ ଦେଇ ଆସିବ; ତାହା ପୁଣି ବିନା କଥାବାର୍ତ୍ତାରେ ଅର୍ଥାତ୍ ସମ୍ପୂର୍ଣ୍ଣ ମୌନ ଭାବରେ । ଇତି ମଧ୍ୟରେ ଯଦି କେହି କାହାକୁ ତା' ସାଥିରେ କଥାବର୍ତ୍ତା କରୁଥିବାର ଲକ୍ଷ୍ୟ କରେ ତେବେ ସେ ମଧ୍ୟ ଶାସ୍ତି ପାଇବ ମାନେ ଦଣ୍ଡିତ ହେବ; ତା' ସ୍ତ୍ରୀ ହେଲେ ମଧ୍ୟ ବାଦ୍ ଯିବନି । ସେ ବି ଅଲବତ ଦଣ୍ଡିତ ହେବ ! ବୁଝିଲ ! ?"

ସର୍ବସମ୍ମତି ପରେ ଶେଷ ନିଷ୍ପତ୍ତି ହେଲା ପରେ ତାକୁ ସେହି କାଳ କୋଠରିକୁ ଠେଲିଦିଆଗଲା । ସେଠାରେ ରହି ସେ ଅତୀତର ଦିନଗୁଡିକୁ ମନେ ପକେଇଲା । ସେ କିଭଳି ଆଗ୍ରହର ସହିତ ମାଳତୀ (ଗାଈ)କୁ ପ୍ରଥମ ଥର ନିଜ ଗୁହାଳରେ ଆଣି ବାନ୍ଧିଥିଲା ଓ ପାଳକୁଟା ନଡା ଆଦି କେତେ କ'ଣ ଯୋଗାଡ କରି ଆଣିଥିଲା । ମାଳତୀକୁ କିଣିବା ବେଳେ ସରଜୁର କଥା ରହିଲା । ତା' ମନଇଚ୍ଛା ଚଢାଦରରେ କିଣିବାକୁ ପଡିଥିଲା ଅଗତ୍ୟା ବାଧ ହେଇ ନନକିକୁ । ଯା'ହେଉ ତା'କୁ କିଣିଆଣିଲା ପରେ ତା' ଧର୍ମପତ୍ନୀ ରାମଶୀଳା ଖୁବ୍ ଖୁସି ହେଇଥିଲା । ସେ ମଧ୍ୟ ଚାହୁଁଥିଲା ଯେ ଅନ୍ୟମାନଙ୍କ ପରି ତା'ଘରେ ମଧ୍ୟ ଗାଈଟିଏ ରହୁ । ଗର୍ଭଣୀ ହେଉ, ବାଛୁରୀକୁ ଜନ୍ମ ଦେଉ । ଯଦ୍ୱାରା କି ତା' ନିଜଘରେ କ୍ଷୀର ଦହି ଲହୁଣି ଖାଇବାକୁ ମିଳୁ । କେଜାଣି କେଉଁ କାଳରେ ଉକ୍ତ ଗୁହାଳଟି ଶୂନ୍ୟ ହେଇ ପଡିଥିଲା । ସେ ନୂଆକରି ବାହାହେଇ ଆସିବା ସମୟରେ ସେଠାରେ ଏକ ଦୁର୍ବଳ କ୍ଷୀଣକାୟ ଗାଈଟି ବନ୍ଧା ହେଉଥିବା ସେ ଲକ୍ଷ୍ୟ କରିଥିଲା । ଓ କିଛି ଦିନ ମଧ୍ୟରେ ସେ ଗାଈଟା ମରିଯାଇଥିଲା ମଧ୍ୟ । ସେହି ଦିନଠୁ କେହି ସେ ଗୁହଳକୁ କଣେଇ ଚାହିଁବାର ପ୍ରଶ୍ନ ଉଠୁନଥିଲା; କିନ୍ତୁ ଏଥର ମାଳତୀ ଆସିଯାଇଥିଲା । ଆଗ ତାକୁ ଅଗଣାରେ ବାନ୍ଧି ଗୁହାଳ ସଫା ହେବା ପରେ ତାକୁ ସେଠାକୁ ଆଣି ବାନ୍ଧିଥିଲା ।

ମାଳତୀର ଦେଖାଶୁଣା କରିବାରେ କେହି କେବେ ଅବହେଳା କରିନଥିଲେ; ଅର୍ଥାତ୍ ନନକି ଓ ରାମଶୀଳା ଉଭୟେ ତା'ର ଉପଯୁକ୍ତ ସେବାଯତ୍ନ କରୁଥିଲେ । ଠିକ୍ ସମୟରେ ଦାନାପାଣି ମିଳିବାରୁ ମାଳତୀର ଦେହ ରଙ୍ଗ ବଦଳିଗଲା । ସେ ଖୁବ୍ ସୁସ୍ଥ ଓ ସୁନ୍ଦର ଦେଖାଗଲା । ଦିନ ଗଡିଲା, ଆଉ ଏଭଳି ଏକ ସମୟ ଆସିଲା ଯେ ମାଳତୀ ଗର୍ଭିଣୀ ହେଇପଡିଲା । ଏହାଦେଖି ନନକି ଓ ରାମଶୀଳାର ଖୁସି ଦେଖେ କିଏ ? ତାଙ୍କର ପାଦ ମାଟିକୁ ଲାଗୁନଥାଏ । ସମୟାନୁକ୍ରମେ ସେ ଏକ ସୁସ୍ଥ ସବଳ ବାଛୁରୀକୁ ଜନ୍ମ ଦେଲା । ଏଥର ମାଳତୀର ସେବା ଶୁଶ୍ରୂଷା ଓ ଦେଖାଶୁଣାର ଦାୟିତ୍ୱ ଟିକେ ବଢିଗଲା । ଗାଈ କ୍ଷୀର ସାଙ୍ଗକୁ ଦହି ଲହୁଣି ଓ ଘିଅର ସ୍ୱାଦ ମଧ୍ୟ ଚାଖି ପାରିଲେ ସେମାନେ ।

ନନକି ବିଲରୁ ହଳ କରି କରି ଶ୍ରାନ୍ତ କ୍ଳାନ୍ତ ହେଇ ଘରକୁ ଫେରେ । ରାମଶୀଳା ଭାତ ବାଢି ଖାଇବାକୁ ବାରମ୍ବାର ଡାକୁଥିଲେ ମଧ୍ୟ ନନକି ମାଳତୀର ବାଛୁରୀକୁ ଗେଲ କରୁଥାଏ, କିମ୍ବା ମାଳତୀକୁ ପାଳକୁଟା, ନଡା ବା ଘାସ ଦେବାକୁ ଚାଲିଯାଏ । ଏହା ଦେଖି ରାମଶୀଳା କହେ - "ମାଳତୀ ଏଇନା ଗାଈଗୋଠ ସହ ଘାସ ଚରି ଫେରିଛି ପରା ! ଆଗ ସେ ପାକୁଳି କରିସାରୁ, ତା'ପରେ ଦେବ । ଏତେ ଶୀଘ୍ର କି ଦରକାର ଅଛି ଯେ ? ପ୍ରଥମେ ତମେ ଭାତ ଖାଇସାର, ତା'ପରେ ଯାହା କରୁଛ କର ।" ଏହା ଶୁଣି ମଧ୍ୟ ସ୍ତ୍ରୀ କଥାର କୌଣସି ଉତ୍ତର ନଦେଇ ବଡ଼ ପାଟିରେ ସେ କହେ, "ତମ ଦ୍ୱାରା ଆଦୌ କୌଣସି କାମ ହେବନି ! ଦେଖୁନ ଗୁହାଳଟା କେତେ ଅପରିଷ୍କାର ଦିଶୁଛି । ମୁଁ ଭାବୁଛି ତମେ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ମୋଟେ ଦୃଷ୍ଟି ଦେଉନ ।" ଏହାଶୁଣି ରାମଶୀଳା ମଧ୍ୟ ବିଦ୍ରୂପ କରି କୁହେ- "ହଉ ହେଲା ହେଲା ! ଆଗ ଖାଇସାର; ତା'ପରେ ନିଜେ ସଫା କରିପକେଇବ । ମୁଁ ବି ଦେଖେ ତମେ କେମିତି ସଫା କର ।" ନନକି ଦେଖେଇ ହେଇ ଛାଞ୍ଚୁଣି ଧରି ଓଳାଏ । ହେଲେ ଅଳିଆ ଥିଲେ ତ ! ଶେଷରେ ନିରାଶ ଓ ନିରୂପାୟ ହେଇ ଫେରିଆସେ ।

ସକାଳ ଓ ସଞ୍ଜରେ ଦୁଇଓଳି ତଟକା ଘାସ ଦେବା ଦାୟିତ୍ୱ ନନକିର ଆଉ ଗୋବର ଅଳିଆ ଆବର୍ଜନା ଆଦି ସଫା କରିବା କାମ ରାମଶୀଳାର ହେଇଥିବାରୁ କେହି କେବେ ନିଜ କର୍ତ୍ତବ୍ୟରେ ଅବହେଳା କରୁନଥିଲେ । ରାତିରେ ଶୋଇବା ବେଳେ ନନକି ମାଳତୀର ବାଛୁରିକୁ ନିଜ ଖଟଖୁରାରେ ବାନ୍ଧି ଶୁଏ । ରାତିସାରା ନିଦ ଭାଙ୍ଗିଲେ ମାଳତୀ ଓ ବାଛୁରୀର ଦେଖାଶୁଣା କରେ । ମାଳତୀକୁ ପାକୁଳି କରିବା କିମ୍ବା ଆଖି ବୁଜି ଶୋଇବା ଦେଖି ସେ ଖୁସି ହୁଏ । ସକାଳ ପାହିଲା କ୍ଷଣି ଗାଈ ଚରାଳି ଆସି ପହଞ୍ଚିଯାଏ । ତା' ପଦଘାତ ଶୁଣିଲା କ୍ଷଣି ବାଛୁରିଟି 'ଅମ୍ବା ଅମ୍ବା' ରଡି ଛାଡେ । ଗୁହାଳରେ ଥାଇ ମାଳତୀ ମଧ୍ୟ ପ୍ରତ୍ୟୁତ୍ତରରେ 'ଅମ୍ବା ଅମ୍ବା' ରଡେ । ଗାଈ ଚରାଳି ବାଛୁରୀର ପଘାଦଉଡି ଫିଟେଇ ଦିଏ । ବାଛୁରୀଟି ସଅଳ ଦୌଡି ଦୌଡି ମା' ପାଖକୁ ଯାଇ କ୍ଷୀର ପିଇବାରେ ମତଭୋଳ ହେଇଯାଏ । କିଛି ସମୟ ଉତ୍ତରେ ଗଉଡ ବାଉରୀକୁ ମା'ଠାରୁ ଦୂରେଇ ଦେଇ ତାଟିଆରେ କ୍ଷୀର ଦୁହିଁସାରି ବାଛୁରୀକୁ ଢିଲିଦିଏ । ତା'ପରେ ସେ ପୁଣି ମା' କ୍ଷୀର ଖାଇବାରେ ଜୁଟି ଯାଉଥିଲା ।

ନନକି କେବେ ଭାବିନଥିଲା ଯେ ତା' ଗୋ ସେବାର ଏଭଳି ସଜା ତାକୁ ଦିନେ ଦିନେ ଭୋଗିବାକୁ ହେବ । କିନ୍ତୁ ଏଇନା ସେ କ'ଣ କରିବ । ତା' ମୁଣ୍ଡରେ ଗୋ ହତ୍ୟାର ଦୋଷ ଲଦି ଦିଆଯାଇଥିଲା ଓ ନ୍ୟାୟ କର୍ତ୍ତାମାନେ ଆସି ତାକୁ ଏକୋଇଶ ଦିନ ଯାଏ ବନ୍ଦ କୋଠରିରେ ସଜା କାଟିବାକୁ ଫଇସଲା କରି ଚାଲିଯାଇଥିଲେ । ସେ ଗୁହାଳ ଭିତରକୁ ପ୍ରବିଷ୍ଟ ହେଲା କ୍ଷଣି ମାଳତୀର ମୁହଁଟା ଉଦ୍‌ଭାସିତ ହେଇଉଠିଲା । ତାକୁ ମନେ ହେଲା, ସତେ କି ମାଳତୀ ଏବେବି ମରିନି ବରଂ ବଞ୍ଚିଛି । କିନ୍ତୁ ବାସ୍ତବତା ହେଉଛି ମାଳତୀ ଏହି ଅସାର ସଂସାରରୁ ଚିରଦିନ ପାଇଁ ବିଦାୟ ନେଇ ସାରିଥିଲା । ନନକି ଏ କଥାକୁ ନେଇ ପଶ୍ଚାତାପ କରୁଛି ଯେ ଯଦିଓ ମାଳତୀର ଖୁରାରେ ତା' ଗୋଡଟା ଦବି ଗଲା, ତଥାପି ସେ ତାକୁ ଘଉଡେଇ କ'ଣ ଦୂରେଇ ଦେଇ ପାରିନଥାନ୍ତା ? ତାକୁ ଠେଲିବା କି ଦରକାର ଥିଲା ? ଠେଲିବା ଦ୍ୱାରା ହିଁ ପ୍ରାଣାନ୍ତ ହେଇଗଲା । ବର୍ତ୍ତମାନ ଆଉ କିଛି କରାଯାଇନପାରେ । ଏଣୁ ପ୍ରାୟଶ୍ଚିତ ସଦୃଶ ଏକୋଇଶ ଦିନର ସମୟ ତା'ର ସାମାନ୍ୟ ତୃଟି ଯୋଗୁଁ ସେଠି କଟେଇବାକୁ ହେବ ହିଁ ହେବ । ଯାହାକି ତା' ପାଇଁ ଏକ ଅଗ୍ନିପରୀକ୍ଷା ସଦୃଶ । ଏକୋଇଶ ଦିନ.... ପୂରାପୂରି ଏକୋଇଶ ଦିନ... ତାକୁ ବାସ୍ତବରେ ଏକୋଇଶ ଜନମ ଭଳି ମନେ ହେଉଥାଏ । ପଦାରୁ ଭାସିଆସୁଥିବା ବାଛୁରୀର ହମ୍ବା ହମ୍ବା ରଡି ତା' ହୃଦୟର ତନ୍ତ୍ରୀଟିକୁ ଦୋହଲାଇ ଦେଉଥିଲା । ବାଛରୀକୁ ତା' ମା'ଠାରୁ ଅଲଗା କରିବାରେ ସେ ହିଁ 'ଦାୟୀ' ବୋଲି ନିଜେ ନିଜକୁ ଦୋଷାରୋପ ଓ ଭର୍ତ୍ସନା କରି 'ଧିକ୍ ଧିକ୍' କରୁଥିଲା । ତା' ମନ କରୁଥାଏ- ଦୌଡିଯାଇ ସେ ବାଛୁରୀଟିକୁ କୋଳେଇ ନିଅନ୍ତା କି ! ମା' ଛେଉଣ୍ଡ ବାଛୁରୀଟିକୁ ସ୍ନେହରେ ଗେଲ କରି ବୋକ ଦିଅନ୍ତା କି ! କିନ୍ତୁ ଏହା କିପରି ସମ୍ଭବ ? ଗୁହାଳରୁ ପଦାକୁ ଆସିବା ପରା ସମ୍ପୂର୍ଣ୍ଣ ମନା । ସେ ପଦାକୁ ଆସିବା କଥା ଛାଡ, ଗୁହାଳକୁ ଅନ୍ୟ କେହି ମଧ୍ୟ ପ୍ରବେଶ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ । ତା' ସ୍ତ୍ରୀ ପଦାରେ ଥାଇ କବାଟକୋଣକୁ ଭାତଧାଳିଟାକୁ ଠେଲିଦେଇ ଯନ୍ତ୍ରବତ୍ ଚାଲିଆସୁଥିଲା ବିନା କଥାବର୍ତ୍ତାରେ । ଦୁଇ/ତିନି ଦିନ ନନକି ମୋଟେ ଖାଇପାରିନି । କିନ୍ତୁ କେତେଦିନ ସେ ଭୋକରେ ରହନ୍ତା.... ? ଏଇନା ତ ଏକୋଇଶ ଦିନ ତାକୁ ସେଇଠି କଟେଇବାକୁ ହେବ ।

ସମୟ ଗଡି ଚାଲିଲା । ସମୟ ସାଥୀରେ ଦିନ ମଧ୍ୟ ଗଡିଲା । ଦିନର ଗଣତି ହେଉଥାଏ... ୧...୨...୩...୪...୨୦ । ପୁରା କୋଡିଏ ଦିନ ହୋଇଗଲା ନନକିକୁ ସେହି କାଳକୋଠରିରେ ବନ୍ଦୀ ହେଇ । ସେ ଆଲୋକରେ ସନ୍ଧାନ କରୁଥାଏ । ପଦାରେ ବ୍ୟାପ୍ତ ସୂର୍ଯ୍ୟଙ୍କ ଆଲୋକ ନୁହଁ ବରଂ ଏପରି ଆଲୁଅ ଯାହାକି ଏକୋଇଶ ଦିନ ପରେ ତା' କୃତକର୍ମର ପ୍ରାୟଶ୍ଚିତ ପରେ ତାକୁ ଦେଖାଦେବ ପାପ ଧୋଇ ହେଇଯିବା ପରେ ପ୍ରାପ୍ତ ହେଉଥିବା ଅବ୍ୟକ୍ତ ଆଲୁଅ । ୨୦ଦିନ ୨୦ ରାତି ପରେ ତା' ଆଖି ଅନ୍ଧାରରେ ରହି ରହି ପଥର ପାଲଟି ଜଳକା ପଡିଯାଇଥିଲା । ତାକୁ ମନେ ହେଲା- ଏଇଠି କେଉଁଠି ତା' ମାଳତୀ ଠିଆ ହେଇ ନିଜ ମାଲିକଙ୍କ ଦୁର୍ଦ୍ଦଶା ଦେଖି ବେଶୀ ଦୁଃଖିତ ହେଉଛି । ଲୁହରେ ତା' ଆଖି ଭର୍ତ୍ତି ହେଇଯାଇଛି ଅଥଚ ନନକି ତାକୁ ପୋଛିବାକୁ ଚେଷ୍ଟା କରି ମଧ୍ୟ ପୋଛି ପାରୁନଥିଲା ।

ବର୍ତ୍ତମାନ....ସୂର୍ଯ୍ୟୋଦୟ ହେବାକୁ ଆହୁରି କିଛି ସମୟ ବାକି ଥାଏ; ସେ ବାଛୁରୀର ବିକଳ କ୍ରନ୍ଦନସ୍ୱର ଶୁଣିବାକୁ ପାଇଲା । ନନକିର ସ୍ତ୍ରୀ ଅଗଣାରେ ଛାଞ୍ଚୁଣୀଧରି ଓଳିଆ ଓଳି କରୁଥିଲା । ହଠାତ୍ ବାଛୁରୀଟା ପଘା ଫିଟେଇ ରାମଶୀଳା ତାକୁ ଧରିବା ପୂର୍ବରୁ ଗୁହାଳର ଦରଜାକୁ ଧକ୍କା ଦେଇ ଭିତରକୁ ଦୌଡି ପଶିଗଲା । ଏଥର ସୂର୍ଯ୍ୟୋଦୟ ହେଇ ସାରିଥିଲା । ଉଦିତ ସୂର୍ଯ୍ୟ ସୁନାଥାଳିଆଟି ପରି ଚକ୍‌ଚକ୍ କରୁଥା'ନ୍ତି । ଦରଜା ଦରଆଉଜା ହେଇ ଖୋଲାଥିବାରୁ ସୂର୍ଯ୍ୟଙ୍କର ସୁବର୍ଣ୍ଣ ରଶ୍ମି ଗୁହଳ ମଧ୍ୟରେ ଫର୍ଚ୍ଚାହେଇ ବିଞ୍ଚିହେଇଥାଏ । ବାଛୁରୀ ଯାଇ ନନକି ପାଖରେ ଠିଆହେଲା । ନନକି ତାକୁ କୁଣ୍ଢେଇ ପକେଇଲା । ଇତିମଧ୍ୟରେ ବାଛୁରୀ ତା' ଜିଭରେ ନନକିକୁ ଚାଟିବାକୁ ଲାଗିଲା । ନନକିକୁ ମନେ ହେଲା- ସତରେ ତା'ର ସବୁତକ ପାପ ଧୋଇ ହେଇଗଲା । ତା' ଆଖିରେ ଲୁହର ବନ୍ୟା ମାଡିଆସିଲା । ସେ ପୁଣିଥରେ ବାଛୁରୀକୁ ଛାତିରେ କୁଣ୍ଢେଇ ଧରିଲା ।

ଏଥର ସମଗ୍ର ଅଗଣାରେ ସୂର୍ଯ୍ୟଙ୍କର କିରଣ ବିଛେଇହେଇ ପଡିଥାଏ । ନନକି ଏବେ ଭାବୁଥାଏ- ଅଜ୍ଞାତରେ ହେଇଥିବା ଅପରାଧ (ପାପ)ର ପ୍ରାୟଶ୍ଚିତ ସରିଯାଇଛି । ତା' ମନରେ ଏତେ ଦିନରୁ ବସା ବାନ୍ଧିଥିବା ଅପରାଧ ବୋଧ ପୂରାପୂରି ଅପସରି ଯାଇଥିଲା । ତା ଦେହରେ ଲାଗିଥିବା କଳଙ୍କ ଦିନର ଆଲୋକ ସାଥୀରେ ଧୋଇହେଇ ସମ୍ପୂର୍ଣ୍ଣ ସଫା ଭଳି ଚକ୍‌ଚକ୍ କରୁଥିଲା... ।

♥ at - Deobhog,
dist- Raipur, Chhatisgarh,
pin- ୪୯୩୮୯୦
(ମୋ) ୦୯୪୦୬୦୪୮୨୪୮



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର,
୧୦ ଡିସେମ୍ବର ୨୦୨୩




# ଶାରଦୀୟ

## ପୂଜା ପତ୍ରିକା ସମୀକ୍ଷା

### ସଂଜୀବନ

ସମ୍ପାଦକ : ସେଖ୍ ଜାଫର ଅଲ୍ଲୀ
ସମ୍ପାଦନା ସହଯୋଗୀ :
ପଞ୍ଚାନନ ବେହେରା
ଜ୍ୟୋତିଶଙ୍କର ମିଶ୍ର
ଠିକଣା : ପବ୍ଲିକ ୱେଲଫେୟାର ସୋସଇଟି, ବଡବଜାର, ଚୌଦ୍ୱାର-୭୫୪୦୨୫
ମୂଲ୍ୟ : ୧୦୦/-




"ଆଗ୍ରାର ସିକନ୍ଦରାଠାରେ ଶହେ ଉଣେଇଶ ଏକର ପରିମିତ ସ୍ଥାନ ଉପରେ ବାଦଶାହ ଆକବର ନିଜ ଜୀବନ କାଳ ମଧ୍ୟରେ ନିଜର ଭବ୍ୟ ସମାଧି ନିର୍ମାଣ କରିଥିଲେ, ଏକଥା ଏବେ ଦେଖିଲେ ଆଉ ଜାଣିଲେ ଆଶ୍ଚର୍ଯ୍ୟ ଲାଗୁଛି । ହେଲେ ଆମେ ଏବେ ଯେଉଁ ବେଗରେ ପାଶ୍ଚାତ ଜୀବନ ଶୈଳୀ ଆଡେ ମୁହାଁଇଛେ, ଯୁବ ଅବସ୍ଥାରେ ହିଁ ଆମକୁ ଅନ୍ତତଃ ବୃଦ୍ଧାଶ୍ରମର ବ୍ୟବସ୍ଥା କରି ରଖିବାକୁ ହେବ ।

\+ + + +

ଟଙ୍କା ପଛରେ ଧାଉଁଥିବା ଆମର ଏହି ସମାଜରେ ବୁଢା ବାପାମା' କଣ ଜନ୍ମ ଦେଇଥିବା ଛୁଆମାନଙ୍କ ପାଇଁ ବି ଆମର ସମୟ ନାହିଁ । ଏହି ସମୟରେ ହିଁ ନିଜକୁ ସଂଶୋଧନ କରିନପାରିଲେ, କିଛି ସମୟ ପରେ ଆମ ପାଖରେ ଖାଲି ବସ୍ତୁ ଥିବେ ଆଉ ସୁଖ ସୁବିଧା ଥିବ, ହେଲେ ହସଲୁହ ବାଣ୍ଟିବାକୁ ବି କେହି ନଥିବେ ।"

ଏହିପରି ଗୋଟେ ବାସ୍ତବ ଓ ମାର୍ମିକ କଥାକୁ ସଂପାଦକୀୟ କରିଛନ୍ତି ସଂଜୀବନର ସଂପାଦକ ।

ତିରିଶ ବର୍ଷ ଧରି କଟକ ଜିଲ୍ଲାର ଚୌଦ୍ୱାରରୁ ପ୍ରକାଶ ପାଉଥିବା ଏହି ପତ୍ରିକାଟି କେବଳ ମାତ୍ର ପୂଜା ଅବକାଶରେ ପ୍ରକାଶ ପାଉଥିଲେ ହେଁ ମୂଲ୍ୟବୋଧ ଦୃଷ୍ଟିରୁ ଏହାର ମୂଲ୍ୟ ଆକଳନ କରିବା ଜମା ସହଜ ନୁହେଁ । ଏଥିରେ ପ୍ରବନ୍ଧ ଆଲୋଚନାରେ ଡ. ମୃଣାଳ ଚାଟାର୍ଜୀ, ଡ. ପକୀରମୋହନ ସାହୁ, ଡ. ଚିତ୍ତରଂଜନ ମିଶ୍ର, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ରବୀନ୍ଦ୍ର କୁମାର ଦାସ. ହୃଷୀକେଶ ମହାରଣା, ସନ୍ତୋଷ ଦାସ, ଡ. କମଳାକାନ୍ତ ଜେନା, ଡ. ଚିନ୍ମୟ କୁମାର ବେହେରା ବେଶ୍ ଉପାଦେୟ ବିଷୟବସ୍ତୁକୁ ନେଇ ଆଲୋଚନା କରିଥିବାବେଳେ ବିଶିଷ୍ଟ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ, ସଦାନନ୍ଦ ତ୍ରିପାଠୀ, ମୃତ୍ୟୁଞ୍ଜୟ ଷଡଙ୍ଗୀ, ଶ୍ରୀପ୍ରସାଦ ମହାନ୍ତି, ଡ. ଦିଗରାଜ ବ୍ରହ୍ମା, ଡ. ସଂଘମିତ୍ର ଭଂଜ, ଦେବୀଦତ୍ତ ମହାନ୍ତି, ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ, ଲିପିକା ମହାପାତ୍ର, ଗଙ୍ଗାଧର ବିଶ୍ୱାଳ, ହରିଶଙ୍କର ମହାପାତ୍ର, ଜ୍ୟୋତିଶଙ୍କର ମିଶ୍ର ପ୍ରମୁଖଙ୍କ ବେଶ୍ ପ୍ରଭାବଶାଳୀ ଗଳ୍ପ ଏଥିରେ ସ୍ଥାନିତ ହୋଇଛି । ରମ୍ୟ ରଚନାରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଲେଖା ପ୍ରକାଶିତ ହୋଇଥିବା ବେଳେ ଅନୁବାଦରେ ସବିତା ବାରିକ ରାଉତ, ଲିଙ୍ଗରାଜ ମହାନ୍ତି, ଭାଗବତ ରାଉତ କଥା ରଖିଛନ୍ତି । କବିତାରେ ହରିହର ମିଶ୍ର, ପ୍ରତିଭା ଶତପଥୀ,ବଂଶୀଧର ଷଡଙ୍ଗୀ, ଫନୀ ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ନୀଳମାଧବ କର, ହରପ୍ରସାଦ ଦାସ, କୃଷ୍ଣ କୁମାର ମହାନ୍ତି, ତପନ କୁମାର ପଣ୍ଡା, ଶୁଭଶ୍ରୀ ଲେଙ୍କା, ବିଜୟ ମଲ୍ଲ, ବୈଦ୍ୟନାଥ ଖିଲାର, ବାବାଜୀ ଚରଣ ଜେନା, ସୂର୍ଯ୍ୟସ୍ନାତ ତ୍ରିପାଠୀ, ରାଜଶ୍ରୀ ମହାପାତ୍ର, ବାବୁଲୁ ପଧାନ, ରଜତ ମହାନ୍ତି, ଚିନ୍ମୟୀ ଚନ୍ଦ୍ରକାନ୍ତି, ସୁପ୍ରଭା ସାମଲ, ବ୍ରଜକିଶୋର ପାତ୍ର ପ୍ରମୁଖଙ୍କ ବେଶ୍ ରୁଚିପୂର୍ଣ୍ଣ କବିତା ପତ୍ରିକାଟିର ଗୁରୁତ୍ୱ ବୃଦ୍ଧି କରିଛି । ସୁସମ୍ପାଦନା ଦୃଷ୍ଟିରୁ ପତ୍ରିକାଟି ବେଶ୍ ରୁଚିସମ୍ପନ୍ନ ହେବା ସହ ପାଠକାଦୃତ ହେବାର ଦାବି ରଖେ ।

### ସମୟର ଆକାଂକ୍ଷା

ସମ୍ପାଦକ : ସୁକାନ୍ତ ସାହୁ
ଠିକଣା : ପ୍ଲଟ ନଂ ୧୭୩ ଏବଂ ୧୭୪ ଏଚ୍ ଲେନ୍, ୧୨ ମେନ୍ ରୋଡ କ୍ରିଷ୍ଣ ନଗର, ଲକ୍‌ପେଟ୍, ପୁଡୁଚେରୀ-୬୦୫୦୦୮
(ମୋ) ୯୦୪୩୦୮୭୪୫୬
ମୂଲ୍ୟ : ୧୦୦/-




"ଜୀବନରେ ଅନେକ ପାହାଚ ଡେଇଁ ଉଠି ଆସିଲିଣି । କେବେ କେବେ ଖୋଜେ ମୋ ଛୋଟବେଳର ନିଛକ ସ୍ୱପ୍ନମାନଙ୍କୁ । ଭାବୁଥିଲି କେବେ ଦିନେ ବଡ ହୋଇଯିବି, ସ୍ୱାଧୀନ ଭାବେ ବଂଚିବି ନିଜ ମର୍ଜିରେ । ମୋତେ ଆକଟିବାକୁ କେହି ନଥିବେ ।

\+ + + +

ସତରେ ଦିନେ ମୋର ଭୋଟ ଦେବାର ଅଧିକାର ଆସିଲା । ହେଲେ ମୁଁ ବଡ ଲୋକଙ୍କ ପରି ନିଷ୍ପତ୍ତି ନେଇ ପାରିଲିନାହିଁ । କେବେ ମୋ ବାପା ତ କେବେ ବଡଭାଇ; ପୁଣି କେବେ ଗାଁ ମୁରବି ତ କେବେ ବିଭିନ୍ନ ରାଜନେତା ମୋତେ ବହୁ ଭାବରେ ପ୍ରଭାବିତ କଲେ । ସେଦିନ ବାଲାଟରେ ମୋହର ମାରିଲାବେଳେ ମୁଁ ସେଇ ଛୋଟ ପିଲା ହୋଇ ରହିଥିବାର ଅନୁଭବ କରୁଥିଲି ।

\+ + + +

ଜୀବନ ଓ ଜଗତ ପରସ୍ପର ସହ ଛନ୍ଦାଛନ୍ଦି ହୋଇ ରହିଛନ୍ତି । କେହି କାହାଠାରୁ ଅଲଗା ନୁହଁ । ଜଗତ ଯେମିତି ଚାଲିଛି ପରସ୍ପର ସହଯୋଗ ଓ ସହମତରେ । ଏଠି କେହି ସ୍ୱାଧୀନ ନୁହଁ କି କେହି ପରାଧୀନ ନୁହଁ । କେହି ସଂପୂର୍ଣ୍ଣ ନୁହଁ କି କେହି ଅଲୋଡା ନୁହଁ । ସମସ୍ତେ ନିଜ ନିଜ ପରିସରରେ ନିଜର ସ୍ୱାତନ୍ତ୍ରତା ବଜାୟ ରଖିଛନ୍ତି ସୂର୍ଯ୍ୟ ପରି କି ଖଦ୍ୟୋତ ପରି । ସୂର୍ଯ୍ୟ ବିଶାଳ ହୋଇପାରେ କିନ୍ତୁ ଖଦ୍ୟୋତ ଜ୍ୟୋତି ସୂର୍ଯ୍ୟ କିରଣ ଠାରୁ ନିଆରା ଓ ସ୍ୱତନ୍ତ୍ର । ଏ ଜଗତରେ କେହି ମହାନ ନୁହଁ କି କେହି ନ୍ୟୁନ ନୁହଁ, ସଭିଏଁ ଏକକୁ ଆରେକ ।"

ସରଳ, ତରଳ ଓ ସାବଲୀଳ ଢଙ୍ଗରେ ଗୋଟେ ନିଛକ ସତ୍ୟକୁ ସମ୍ପାଦକୀୟ ପୃଷ୍ଠାରେ 'କେହି ନ୍ୟୁନ ନୁହଁ' ଶୀର୍ଷକରେ ଏତକ ଉପସ୍ଥାପନା କରିଛନ୍ତି 'ସମୟର ଆକାଂକ୍ଷା'ର ମୁଖ୍ୟ ସମ୍ପାଦକ କବି ସୁରେଶ ନାୟକ ।

ସୁଦୂର ପଣ୍ଡିଚେରୀରୁ ପ୍ରକାଶ ପାଉଥିବା ରୁଚିରମ୍ୟ ସାହିତ୍ୟ ପତ୍ରିକା 'ସମୟର ଆକାଂକ୍ଷା'ର ପୂଜାସଂଖ୍ୟା ଆମର ଅସ୍ତଗତ ହୋଇଛି । ସବୁଥର ପରି ଆକର୍ଷଣୀୟ ପ୍ରଚ୍ଛଦ ଓ ପରିପାଟୀକୁ ନେଇ ପ୍ରକାଶିତ ଏଇ ପତ୍ରିକାରେ ସାହିତ୍ୟର ବିଭିନ୍ନ ବିଭାଗ ପ୍ରତିଫଳିତ ।

'ସ୍ମୃତି ବିସ୍ମୃତି' ସ୍ତମ୍ଭରେ କବି ସୌଭାଗ୍ୟ କୁମାର ମିଶ୍ରଙ୍କ ଆଉଥରେ ରେଭେନ୍ସା ଆଲେଖ୍ୟଟି ନିଶ୍ଚିତ ଭାବରେ ଉଲ୍ଲେଖଯୋଗ୍ୟ । ସାକ୍ଷାତକାର ସ୍ତମ୍ଭରେ ଓଡିଆ ଉପନ୍ୟାସର ଭଗୀରଥ ଭାଗୀରଥୀ ଦାସଙ୍କ ସହ ସ୍ମରଣୀୟ ସାକ୍ଷାତକାରଟି ପ୍ରସ୍ତୁତ କରି କବି କଥାକାର ଅଜୟ ସ୍ୱାଇଁ ଯେଉଁ ପୂଜ୍ୟପୂଜା ପରମ୍ପରାର ନିଆରା ଓ ସ୍ୱତନ୍ତ୍ର ନିଦର୍ଶନ ବାଢିଛନ୍ତି ତାହା ପିପାସୁ ପାଠକଙ୍କ ପାଇଁ ଅମୃତ ବର୍ଷା ସମ ।

ଭ୍ରମଣ କାହାଣୀ କ୍ରମରେ ବିରଜା ମହାପାତ୍ରଙ୍କ ବାଲିଦ୍ୱୀପ ଭ୍ରମଣର ପୁଲକ ଅନୁଭବି ହେଲା ତାଙ୍କ 'ନ ଯାରେ ନ ଯା ଗୋରୀ' ଶୀର୍ଷକ ରଚନାରେ । ସୁମିତ୍ରା ପାଢୀଙ୍କ ଆଲେଖ୍ୟ 'ଛାମୁ ଯାହାହେଲେ', ପ୍ରଦୀପ କୁମାର ରାୟଙ୍କ 'କରୁଣ କବିତା : ନାରୀ', ସ୍ନେହଲତା ମହାକୁଡଙ୍କ 'ସିମୋନ ଦ ବୋଭିୟାରଙ୍କ ସହଜ ମୃତ୍ୟୁରୁ', ରାଜଲକ୍ଷ୍ମୀ ତ୍ରିପାଠୀଙ୍କ 'ପ୍ରାଚୀନ ନାଳନ୍ଦା' ଓ ପରେଶ ପଟ୍ଟନାୟକଙ୍କ କିଶୋର ଉପନ୍ୟାସିକା 'ଭୋଳାବାବାଙ୍କ ଆବିର୍ଭାବ' ମିଛକୁ ମିଛରେ ହିଁ ହରେଇବାକୁ ପଡେ ଏବଂ ଶଠ ପାଇଁ ଶଠ ବିଦ୍ୟାର ପ୍ରୟୋଗ କରାଯାଏ ଭଳି ନିଷ୍କର୍ଷରେ ପାଠକଙ୍କୁ ପହଂଚାଇ ଦେବାଭଳି ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅତୁଳନୀୟ ।

କବିତା ବିଭାଗରେ ଅଛନ୍ତି ହରପ୍ରସାଦ ଦାସ, ଦେବଦାସ ଛୋଟରାୟ, ବଂଶୀଧର ଷଡଙ୍ଗୀ, ଅମରେଶ ପଟ୍ଟନାୟକ, ଖଗେଶ୍ୱର ମହତାବ, ଅଜୟ ପ୍ରଧାନ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ତ୍ରିନାଥ ସିଂହ, ରାଜୀବ ପାଣି, ରବି ଶତପଥୀ, ସାବିତ୍ରୀ କବି, ମୀନକେତନ ପଶାୟତ, ମନୋଜ ମିଶ୍ର, କାମଦେବ ମହାରଣା, ସୁବ୍ରତ ଜେନା, ସୁଧୀର ମେହେର, ଦେବଯାନୀ ରାୟ, ଶ୍ୱେତା ରାଉତ, ସଂଜୀବ ପଣ୍ଡା, ସୁଜିତ କୁମାର ଶତପଥୀ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ ।

ଗଳ୍ପ ବିଭାଗରେ ଡ. ତ୍ରିନାଥ ପଟ୍ଟନାୟକ, ମଧୁମିତା ମହାନ୍ତି, ଶ୍ରୁତି ଶୈଳଜା, ଅର୍ଜୁନ ପୃଷ୍ଟି, ଶ୍ରୀପ୍ରସାଦ ମହାନ୍ତି, ମୋନାଲିସା ମିଶ୍ର, ସୁପ୍ରିୟା ମଲ୍ଲିକ, କାର୍ତ୍ତିକ ସ୍ୱାଇଁ, ସୈରିନ୍ଧ୍ରୀ ସାହୁ, ରମାକାନ୍ତ ସାମନ୍ତରାୟ, ହେମନ୍ତ କୁମାର ଘୋଷାଲ, ଚିରଶ୍ରୀ ଇନ୍ଦ୍ର ସିଂ, ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଭୀମ ପୃଷ୍ଟି, ରଶ୍ମୀ ରାଉଳ, ସଦାନନ୍ଦ ତ୍ରିପାଠୀ, ମମତା ଦାଶ, ସରୋଜିନୀ ସାହୁ ଓ ଗୌରହରି ଦାସଙ୍କ ଗଳ୍ପ ସ୍ଥାନ ପାଇଥିବା ବେଳେ ରମ୍ୟ ରଚନାରେ ସୌରାଂଶୁ ପଟ୍ଟନାୟକ ଓ ଓଁ ଅଭିଜ୍ଞାନ ସାହୁ ଅଛନ୍ତି ।

ଅନୁବାଦ ଗଳ୍ପ କବିତାରେ ଅଛନ୍ତି କନକ ମଂଜରୀ ସାହୁ, କନକ ମଂଜରୀ ପଟ୍ଟଦାୟକ, ବୀଣା ଛୋଟରାୟ, ପ୍ରବାସିନୀ ମହାକୁଡ ଓ ଦୀପକ ସାମନ୍ତରାୟ ।

'ଉଡାଣ' ସ୍ତମ୍ଭରେ କବି ବିରଜା ବଳଙ୍କ ଉପସ୍ଥାପିତ 'ସମକାଳୀନ ଓଡିଆ କବିତାର ନବ ଉନ୍ମେଷ'ରେ ଚନ୍ଦନ ନାଗ, ପ୍ରତିଚୀ ନନ୍ଦ, ଆଲୋକ ରଂଜନ ଷଡଙ୍ଗୀ, ଐସୂର୍ଯ୍ୟା ରାଉତ, ନାରାୟଣ ସାହୁଙ୍କ ଉପରେ ଲେଖିଥିବା କଥା ଓ ସେମାନଙ୍କ କବିତା ଉଭୟ ବେଶ୍ ରୋଚକ ଓ ପ୍ରାଣସ୍ପର୍ଶୀ । ସବୁଥର ପରି ପତ୍ରିକାଟି ରସମୋଦୀ ପାଠକଙ୍କ ପାଇଁ ବେଶ୍ ସଂଗ୍ରହଣୀୟ ଓ ରୋଚକ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ ।


♥ ସମୀକ୍ଷା:
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ


## ବ୍ୟଙ୍ଗ ବିଚିତ୍ରା

# ସାରସ୍ୱତ ସାଧକମାନଙ୍କର ପ୍ରକାରଭେଦ




ଶ୍ରୀମତୀ ବସନ୍ତ ମିଶ୍ର


**ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ ପ୍ରମୁଖଙ୍କ ଜନ୍ମଦିନ, ବାର୍ଷିକ, ଶ୍ରାଦ୍ଧ ଆଦି ପାଳନ ପୂର୍ବକ ବାହାବା ନେବା କେତେକଙ୍କର ଏକ ବିଶେଷ ଗୁଣ। ସେମାନଙ୍କ ଆତ୍ମୀୟମାନଙ୍କ ପାଖକୁ ଯାଇ, ସେମାନଙ୍କୁ ମତେଇ, ତତେଇ, ବତେଇ ନିଜ ନାଆଁରେ ନିମନ୍ତ୍ରଣ ପତ୍ର ଛାପି ସଭାଟିଏ ଆୟୋଜନ ପୂର୍ବକ ପ୍ରଶଂସା ନେବାରେ ସେମାନେ ଧୁରନ୍ଧର ଅଟନ୍ତି। ଏ ସବୁ କାମ କରିବାକୁ ସହଜ ସୁବିଧା ହେବା ପାଇଁ ଅନୁଷ୍ଠାନଟିଏ ଗଢ଼ି କେତେକ ଚାମଚା ମଧ୍ୟ ରଖି ଦେଇଥାଆନ୍ତି। ଯେଉଁମାନେ କି ତାଙ୍କର କଛା ଖୋଲିଗଲେ ଟେକି ଧରିବା ପାଇଁ ସଙ୍କୋଚ ବୋଧ କରି ନ ଥା'ନ୍ତି। ଏମାନେ "ସ୍ମୃତି ପାଳକ" ସାରସ୍ୱତ ସାଧକ ବୋଲାଇଥାଆନ୍ତି।**



**କେତେକ ବିଭିନ୍ନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କିଛି କିଛି ହାତଗୁଞ୍ଜା ହେଇ କିମ୍ବା ତେଲ ମରାମରି କରି ତାଙ୍କ ଅନୁଷ୍ଠାନରୁ ଗାମୁଛା ଖଣ୍ଡେ, ମାନପତ୍ରଟାଏ କିମ୍ବା ପଦକଟାଏ ହାସଲ କରିବାକୁ ସର୍ବଦା ପ୍ରଚେଷ୍ଟାରେ ଥାଆନ୍ତି ଆଉ ହାସଲ କରିଥାଆନ୍ତି ମଧ୍ୟ। ଏଥିପାଇଁ ଯେତେ ଖର୍ଚ୍ଚ କରିବାକୁ ପଡ଼ିଲେ ବି ସେମାନେ ପଛଘୁଞ୍ଚା ଦିଅନ୍ତିନାହିଁ। ଏମାନେ "ଗାମୁଛା ବିକଳିଆ" ସାରସ୍ୱତ ସାଧକ ଭାବେ ସର୍ବତ୍ର ପରିଚିତ।**

ଆଜ୍ଞା, ଏଇ ସାହାତ୍ୟ - ସଂସ୍କୃତି କ୍ଷେତ୍ରରେ ସାରସ୍ୱତ ସାଧକମାନେ ବର୍ଷାଦିନେ ହୁଙ୍କାରେ ଛତୁ ଫୁଟିଲା ଭଳି ଚାରିଆଡ଼େ ବାଜୁବାଜୁ ହେଉଛନ୍ତି। ଏହି ସାରସ୍ୱତ ସାଧକମାନଙ୍କର ବୟସ ପ୍ରାୟ ୫୦/୬୦ବର୍ଷରୁ ଅଧିକ ହେବ। କମ୍ ବୟସର ସାରସ୍ୱତ ସାଧକ, ଚନ୍ଦା ମୁଣ୍ଡରେ ବାଳ ଉଠିଥିଲା ଭଳି କାଁ ଭାଁ ଦେଖିବାକୁ ମିଳିଥା'ନ୍ତି। ସେମାନଙ୍କ ଭିତରୁ କେତେକ ନିଜସ୍ୱ ସୃଷ୍ଟି ପାଇଁ ସାଧନାରେ ମତ୍ତ ଥିବା ବେଳେ ଆଉ କେତେକ ପ୍ରମୁଖ ସାହିତ୍ୟିକମାନଙ୍କର ଲେଖାକୁ କପି କରି ବାହାବା ନେବା ପାଇଁ ବ୍ୟଗ୍ର ଥାଆନ୍ତି। ଏହି ସାରସ୍ୱତ ସ୍ରଷ୍ଟାମାନଙ୍କୁ କୁଆଡ଼େ ଦ୍ୱିତୀୟ ଈଶ୍ୱର ଆଖ୍ୟା ଦିଆଯାଇଛି। ଆଗରୁ କୁହା ଯାଉଥିଲା - "ଯାହାର କିଛି ନାହିଁ ଗତି, ସିଏ କରେ ରାଜନୀତି।" ମାତ୍ର ଏବେ କୁହାଗଲାଣି - "ସମାଜ ପାଇଁ କିଛି କାମ କରି ନ ପାରେ ଯେଉଁ ଲୋକ, ସେ ହୋଇପାରେ ସାରସ୍ୱତ ସାଧକ।" ସେ ଯାହା ହେଉ ଏମାନଙ୍କ ଭିତରୁ କେତେକଙ୍କ ଠାରେ କିଛି ବିଶେଷ ଗୁଣ ପରିଲକ୍ଷିତ ହୋଇଥାଏ। ମୋ ବିବେଚନାରେଏହି ଗୁଣ ଅନୁସାରେ ସେମାନଙ୍କୁ ଆମେ ବିଭାଜନ କରି ପାରିବା।

ଏମାନଙ୍କ ମଧ୍ୟରୁ କେତେକ ବିଭିନ୍ନ ସଭା ସମିତିମାନଙ୍କରେ ସବୁବେଳେ ମଞ୍ଚ ଉପରେ ବସିବାକୁ ସର୍ବଦା ତତ୍ପର ଥାଆନ୍ତି ଆଉ ବସିଥା'ନ୍ତି ମଧ୍ୟ। ସେମାନଙ୍କୁ କେବେ ମଞ୍ଚ ତଳେ ବସିବାର ଦେଖିବାକୁ ମିଳେନାହିଁ। ସେମାନେ ସବୁବେଳେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିବାକୁ ସତତ ବ୍ରତୀ ଥାଆନ୍ତି। ଏମାନଙ୍କର ସବୁଠୁ ଭଲ ଗୁଣ ହେଲା, ସେମାନଙ୍କ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ସମସ୍ତ ସାରସ୍ୱତ ସଭାମାନଙ୍କରେ ସଭାପତି, ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭା ଆଦି ଆସନମାନ ଅଳଙ୍କୃତ କରିଥାଆନ୍ତି। ଯଦି କୌଣସି ସାରସ୍ୱତ ଅନୁଷ୍ଠାନ ସେମାନଙ୍କୁ ଏହି ଆସନ ଦେବାରୁ ବଞ୍ଚିତ କରନ୍ତି, ତେବେ ସେମାନେ ସେହି ସଭାକୁ ବର୍ଜନ କରିଥା'ନ୍ତି। ଉଚ୍ଚ ଆସନ ବିନା ସେମାନଙ୍କର ଦର୍ଶନ ଅସମ୍ଭବ। ସେଥିପାଇଁ ଆବଶ୍ୟକ ହେଲେ ଯଥେଷ୍ଟ ଅର୍ଥ ଶ୍ରାଦ୍ଧ କରିବାକୁ ସେମାନେ ମଧ୍ୟ କୁଣ୍ଠିତ ହୁଅନ୍ତି ନାହିଁ। ଯଦି ଆସନ ନ ମିଳିଲା ତେବେ ନାସିକା କୁଞ୍ଚନ ପୂର୍ବକ ସେହି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସମାଲୋଚନା କରିବାକୁ ସେମାନେ ଶତମୁଖ ହୋଇ ଉଠନ୍ତି। ଯେପରିକି ସେମାନଙ୍କୁ ବାଦ୍ ଦେଲେ ତାଙ୍କ ଅଞ୍ଚଳର ଅନୁଷ୍ଠାନମାନ ମୂଲ୍ୟହୀନ, ଅପାଙ୍କ୍ତେୟ। ଏମାନେ "ମଞ୍ଚ ବିକଳିଆ" ସାରସ୍ୱତ ସାଧକ ବୋଲାନ୍ତି।

କେତେକ ସେମାନଙ୍କ ଇଲାକାର କବି, ଲେଖକ କିମ୍ବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କର ଯଦି ଦେହାନ୍ତ ହୋଇଯାଏ, ତେବେ "ରାଜଦ୍ୱାରେ ଶ୍ମଶାନେଚ" ନ୍ୟାୟରେ ତତ୍‌କ୍ଷଣାତ୍ ସେହି ବ୍ୟକ୍ତିଙ୍କ ଗୃହରେ ଆବିର୍ଭାବ ହୋଇଯାଆନ୍ତି। ଶବ ନିକଟରେ ଆତ୍ମୀୟ ସ୍ୱଜନମାନେ ଆକୁଳ ବିକଳରେ କ୍ରନ୍ଦନ ରତ ଥିବା ବେଳେ ସେହି ମହାପୁରୁଷମାନେ ମୃତ ବ୍ୟକ୍ତିର ବାୟୋଡାଟା ସଂଗ୍ରହରେ ଲାଗି ପଡ଼ିଥା'ନ୍ତି। ଶବର ଫଟୋ ଉଠାଇ ତାଙ୍କ ମୃତ୍ୟୁର ଖବରଟା ଖବରକାଗଜରେ ଛପାଇ ବାହାବା ନେବା ପାଇଁ ବ୍ୟଗ୍ର ହୋଇ ପଡ଼ନ୍ତି। ଏତତ୍ ବ୍ୟତୀତ ଗୋଟିଏ ସ୍ମୃତି କମିଟି ଗଢ଼ି ତହିଁରେ ନିଜକୁ ମୁଖ୍ୟ ଆସନରେ ଅଧିଷ୍ଠିତ କରାଇ କିପରି ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା, ସ୍ମୃତି କବିତା ପାଠୋତ୍ସବ ହେବ ଏବଂ ସ୍ମୃତି ସମ୍ବଳିତ ସଙ୍କଳନଟିଏ ପ୍ରକାଶିତ ହେବ ସେଥିପାଇଁ ତତ୍ପର ହୋଇଉଠନ୍ତି। ଦୀପ ତେଜିଲେ ହାତ ତ ତେଲିଆ ହେବ ହିଁ ହେବ। ଉପରୋକ୍ତ ମାଧ୍ୟମରେ ସେ ନିଜର ବଡ଼ପଣ ଜାହିର କରିବା ସଙ୍ଗେ ସଙ୍ଗେ ନିଜ ହାତ ବି ତେଲିଆ କରି ନିଅନ୍ତି। ଏମାନେ "ମଡ଼ା ଚଣ୍ଡିଆ" ସାରସ୍ୱତ ସାଧକ ବୋଲା ଯାଇଥାଆନ୍ତି।

ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ ପ୍ରମୁଖଙ୍କ ଜନ୍ମଦିନ, ବାର୍ଷିକ, ଶ୍ରାଦ୍ଧ ଆଦି ପାଳନ ପୂର୍ବକ ବାହାବା ନେବା କେତେକଙ୍କର ଏକ ବିଶେଷ ଗୁଣ। ସେମାନଙ୍କ ଆତ୍ମୀୟମାନଙ୍କ ପାଖକୁ ଯାଇ, ସେମାନଙ୍କୁ ମତେଇ, ତତେଇ, ବତେଇ ନିଜ ନାଆଁରେ ନିମନ୍ତ୍ରଣ ପତ୍ର ଛାପି ସଭାଟିଏ ଆୟୋଜନ ପୂର୍ବକ ପ୍ରଶଂସା ନେବାରେ ସେମାନେ ଧୁରନ୍ଧର ଅଟନ୍ତି। ଏ ସବୁ କାମ କରିବାକୁ ସହଜ ସୁବିଧା ହେବା ପାଇଁ ଅନୁଷ୍ଠାନଟିଏ ଗଢ଼ି କେତେକ ଚାମଚା ମଧ୍ୟ ରଖି ଦେଇଥାଆନ୍ତି। ଯେଉଁମାନେ କି ତାଙ୍କର କଛା ଖୋଲିଗଲେ ଟେକି ଧରିବା ପାଇଁ ସଙ୍କୋଚ ବୋଧ କରି ନ ଥା'ନ୍ତି। ଏମାନେ "ସ୍ମୃତି ପାଳକ" ସାରସ୍ୱତ ସାଧକ ବୋଲାଇଥାଆନ୍ତି।

ଆଉ କେତେକଙ୍କର ଏକ ଉତ୍ତମ ଗୁଣ ହେଲା, ଓଡ଼ିଶା କଙ୍କଡ଼ା ଗୁଣ। ସାରସ୍ୱତ କ୍ଷେତ୍ରରେ ଯଦି କେହି ଦୁଇପାଦ ଆଗକୁ ଗଲା, ସେମାନେ ଆଦୌ ବରଦାସ୍ତ କରି ପାରନ୍ତିନାହିଁ। ଗୋଡ଼ ଟାଣି ସେ କିପରି ଆଗକୁ ଆଗେଇ ନ ପାରିବ ତା'ର ସମସ୍ତ ସୁବନ୍ଦୋବସ୍ତ କରିବା ପାଇଁ ସେମାନେ ସଦା ଜାଗ୍ରତ ରହିଥାଆନ୍ତି। ସେମାନଙ୍କ ମନରେ ସଦା ଭୟ ଲାଗି ରହିଥାଏ, କାଳେ କିଏ ତାଙ୍କୁ ସାରସ୍ୱତ କ୍ଷେତ୍ରରେ ଟପିଯିବ ? ବରଗଛ ଛାଇରେ ଯେପରି କୌଣସି ଗଛ ଉଧାଇ ପାରେନାହିଁ ଠିକ୍ ସେହିପରି ସେମାନଙ୍କର ଚତୁଃପାର୍ଶ୍ୱସ୍ଥ କବି ଓ ଲେଖକମାନେ ମଧ୍ୟ ସହଜରେ ଉଧେଇ ପାରନ୍ତି ନାହିଁ। ଏମାନେ "ଗୋଡ଼ଟଣା" ବା "ଓଡ଼ିଶା କଙ୍କଡ଼ା" ସାରସ୍ୱତ ସାଧକ ବୋଲାନ୍ତି।

କେତେକଙ୍କର ଅନେକ ଅନେକ ଗୁଣ ମଧ୍ୟରୁ ଗୋଟିଏ ସୁଗୁଣ ହେଲା - ସେମାନେ ସବୁବେଳେ ମିଠା ମିଠା କଥା କହି ଅନ୍ୟମାନଙ୍କୁ ତାଙ୍କ ଆଡ଼କୁ ଆକର୍ଷିତ କରିବାକୁ ସର୍ବଦା ତତ୍ପର ଥାଆନ୍ତି । ସେମାନଙ୍କ ମୁଖ ନିସୃତ ମଧୁର ବାକ୍ୟରେ ଆକର୍ଷିତ ହୋଇ କବି, ଲେଖକ ରୂପୀ ମହୁମାଛିମାନେ ତାଙ୍କ ପାଖକୁ ଧାଇଁ ଯାଇଥା'ନ୍ତି ଆଉ ପଛେ ପଛେ ଗୋଡ଼ାଇ ତାଙ୍କର ବାହାବା କରିବାକୁ ବାଧ ହୋଇଥାଆନ୍ତି। ଆଜ୍ଞା, ମୁଁ ମଧ୍ୟ ସେହି ପଛ ଗୋଡ଼ାଣିଆମାନଙ୍କ ମଧ୍ୟରୁ ଜଣେ। ଏମାନଙ୍କୁ "ପଛ ଗୋଡ଼ାଣିଆ" ସାରସ୍ୱତ ସାଧକ କୁହାଯାଏ।

କେତେକ ସାରସ୍ୱତିଆ ସାଧକ ଉପରେ ପାଣି ଢାଳି ଭିତରେ ଭିତରେ ଏପରି ଚେର କାଟନ୍ତି ଯେ କବି, ଲେଖକ ଜଣକ ଆଦୌ ଜାଣିବାକୁ ଅବକାଶ ପାଏନାହିଁ ସେ ଉଧେଇ ନ ପାରି ଝାଉଁଳିଗଲା କାହିଁକି। ଏମାନଙ୍କର "ମଧୁ ତିଷ୍ଠତି ଜିହ୍ୱାଗ୍ରେ ହୃଦୟେତୁ ହଳାହଳମ୍"। ଏମାନଙ୍କ ଉପର କଥାଟା ଭାରି ମିଠା ମାତ୍ର ଭିତର ଆଚରଣଟା ବିଷତୁଲ୍ୟ କ୍ଷତିକାରକ। ଏମାନେ "ମଧୁର - ବିଷ"(ଝଡରରଞ୍ଜ ଚଙଓଝଙଘ) ସାରସ୍ୱତ ସାଧକ ବୋଲାଯାଆନ୍ତି।

ଆଉ କେତେକ ବିଭିନ୍ନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କିଛି କିଛି ହାତଗୁଞ୍ଜା ହେଇ କିମ୍ବା ତେଲ ମରାମରି କରି ତାଙ୍କ ଅନୁଷ୍ଠାନରୁ ଗାମୁଛା ଖଣ୍ଡେ, ମାନପତ୍ରଟାଏ କିମ୍ବା ପଦକଟାଏ ହାସଲ କରିବାକୁ ସର୍ବଦା ପ୍ରଚେଷ୍ଟାରେ ଥାଆନ୍ତି ଆଉ ହାସଲ କରିଥାଆନ୍ତି ମଧ୍ୟ। ଏଥିପାଇଁ ଯେତେ ଖର୍ଚ୍ଚ କରିବାକୁ ପଡ଼ିଲେ ବି ସେମାନେ ପଛଘୁଞ୍ଚା ଦିଅନ୍ତିନାହିଁ। ଏମାନେ "ଗାମୁଛା ବିକଳିଆ" ସାରସ୍ୱତ ସାଧକ ଭାବେ ସର୍ବତ୍ର ପରିଚିତ।

ଅଉ କେତେକ ଅଛନ୍ତି ଯେଉଁଠି ଯଦି କିଛି ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହେଉଥାଏ କିମ୍ବା ହେବାର ଉପକ୍ରମ ଚାଲିଥାଏ, ତାକୁ କିପରି ଭଣ୍ଡୁର କରି ନଷ୍ଟ ଭ୍ରଷ୍ଟ କରିବେ ସବୁବେଳେ ସେଇ ଚେଷ୍ଟାରେ ଥାଆନ୍ତି। ଆଉ ସେଥିରେ କୃତକାର୍ଯ୍ୟ ହୋଇଯାଆନ୍ତି ମଧ୍ୟ।ଏମାନେ କେବଳ ସେଇ କାମରେ ସବୁବେଳେ ଲାଗିଥାଆନ୍ତି। ଏମାନେଙ୍କୁ "ନଷ୍ଟର ବିଗିଡ଼ା" ସାରସ୍ୱତ ସାଧକ କୁହାଯାଏ।

ଆଉ କେତେକଙ୍କ ଠାରେ ଉପରୋକ୍ତ ସମସ୍ତ ଗୁଣ ପରିଲକ୍ଷିତ ହୋଇଥାଏ। ସେମାନେ ଆଜ୍ଞା ସାରସ୍ୱତ ଜଗତରେ ଜଣେ ଜାଜ୍ୱଲ୍ୟମାନ ତାରକା। ସେମାନେ ଆଜ୍ଞା ବିଭିନ୍ନ ଅନୁଷ୍ଠାନମାନଙ୍କରୁ ସାହିତ୍ୟ କାକ, ସାହିତ୍ୟ ପୋକ, ସାହିତ୍ୟ ଭୁଷଣ୍ଡ, ସାହିତ୍ୟ ପାଷାଣ୍ଡ..... ଆଦି ଉପାଧିରେ ଭୂଷିତ ହୋଇ ଅନ୍ୟ ସାରସ୍ୱତ ସାଧକମାନଙ୍କୁ ଦିନରେ ହାରିକିନି ଦେଖାଇ ଥାଆନ୍ତି। ସେମାନଙ୍କର ସୁଗୁଣ ସବୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ କାଗଜ ଓ କାଳିର ଅଭାବ ପଡ଼ିପାରେ। ଏମାନଙ୍କୁ "ସର୍ବଗୁଣ ସମ୍ପନ୍ନ" ସାରସ୍ୱତ ସାଧକ କୁହା ଯାଇଥାଏ।

ଆପଣମାନେ ନିଶ୍ଚେ ଭାବୁଥିବେ, ସେମାନଙ୍କ ସମ୍ବନ୍ଧରେ ଏତେ ସବୁ କଥା ଆମ୍ଭେ କାହିଁକି ଆପଣମାନଙ୍କୁ ଜଣାଉଛୁ। ହଁ ଏଇଠି ଆମ୍ଭର ଟିକିଏ ସ୍ୱାର୍ଥ ରହିଯାଇଛି ଆଜ୍ଞା। ଆପଣମାନଙ୍କୁ ନ ଜଣାଇ ଆମ୍ଭେ କିଛି ଗୋଟାଏ ସୁବିଧା ହାସଲ କରିଗଲେ କିମ୍ବା ଆଗକୁ ଆଗେଇ ଗଲେ, ଆପଣମାନେ ହିଁ ଆମ୍ଭଙ୍କୁ ପଛରେ ଦୋଷ ଦେବେ। କହିବେ ବଡ଼ ସ୍ୱାର୍ଥପରଟାଏ। ନିଜେ ନିଜେ ସବୁ ସୁଖ ସୁବିଧା ହାସଲ କରି ନେଉଛି। ଏପରି ଅପନିନ୍ଦା ଆମ୍ଭେ ସହିବା କିଆଁ ? କାହାକୁ କହିବେନି ଆଜ୍ଞା। ଏଇଟା ଏକ ଗୁମର କଥା। ଉପରୋକ୍ତ ମହାଶୟମାନଙ୍କର ପଦାଙ୍କ ଅନୁସରଣ ପୂର୍ବକ ସେମାନଙ୍କ ପରି ଜଣେ ହେବାର ଦୁର୍ବାର ଲାଳସାରେ ଆମ୍ଭେ ଘୋଡ଼ାଦୌଡ଼ ଜାରି ରଖିଚୁ ଆଜ୍ଞା। ଆପଣମାନେ ବି ପ୍ରଯତ୍ନ କଲେ ସମାଜରେ ସେମାନଙ୍କ ପରି ଜଣେ ଜଣେ ମହାପୁରୁଷ ହୋଇ ନାଁ କମେଇ ପାରିବେ ବୋଲି ଆମ୍ଭର ଦୃଢ଼ ଆଶା ଓ ବିଶ୍ୱାସ ମଧ୍ୟ। ଆଜ୍ଞା, ଆଉ ସବୁ କଥା ପରେ ଜଣେଇବି ନିଶ୍ଚୟ।


♥ ସା- ମଣିସାହି, ପୋ- ମାଧବ ନଗର, ଜି- ଭଦ୍ରକ, ପିନ୍- ୭୫୬୧୮୧, ଓଡ଼ିଶା
(ମୋ) ୯୪୩୯୫୫୪୯୬୪

# ସମ୍ବଲପୁରର ମାଲଗୁଣ୍ଡ ଠାରେ "ବିକଶିତ ଭାରତ ସଂକଳ୍ପ ଯାତ୍ରା"ରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

## 'ବିକଶିତ ଭାରତ' ପାଇଁ ସମସ୍ତେ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବା- ଧର୍ମେନ୍ଦ୍ର ପ୍ରଧାନ

- ସମସ୍ତଙ୍କୁ ସାଙ୍ଗରେ ନେଇ ଗାଁରୁ ପଞ୍ଚାୟତ, ବ୍ଲକ, ଜିଲ୍ଲା, ରାଜ୍ୟ ସହ ଦେଶକୁ ମଜଭୂତ୍ କରିବା
- ଅମୃତ କାଳର ଚାରିଟି ଅମୃତ ସ୍ତମ୍ଭ - ଭାରତର ନାରୀ ଶକ୍ତି, ଯୁବ ଶକ୍ତି, କୃଷି ଶକ୍ତି ଏବଂ ଆମର ଗରିବଙ୍କ ଶକ୍ତି ଭାରତକୁ ବିକଶିତ କରିବ
- ମୋଦିଙ୍କ ଗ୍ୟାରେଣ୍ଟି ଜନତାଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ 'ବିକଶିତ ଭାରତ' ପାଇଁ ଯୋଗଦାନ ରଖିବା ଦରକାର
- ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱାଭିମାନ ସହକାରେ ବଞ୍ଚିବାର ସ୍ୱପ୍ନକୁ ସାକାର କରିବା
- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ କରାଇଲେ କେନ୍ଦ୍ରମନ୍ତ୍ରୀ
- ନମୋ ଆପ୍, ମାଇ ଭାରତ ସଂଗଠନରେ ଯୋଡିହେବା ପାଇଁ କଲେ ଆହ୍ୱାନ

ମାଲଗୁଣ୍ଡ/ସମ୍ବଲପୁର,୦୯/୧୨ (ନି.ପ୍ର): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୫ ବର୍ଷରେ 'ବିକଶିତ ଭାରତ' ଗଠନ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ବିକଶିତ ଭାରତ ଗଢିବା ପାଇଁ ହେଲେ ଆମେ ସମସ୍ତେ ନିଜ ନିଜର ସାମର୍ଥ୍ୟ ଅନୁସାରେ ଯୋଗଦାନ ରଖିବା । ନିଜ ନିଜ କ୍ଷେତ୍ରରେ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବା ତଥା ସମସ୍ତଙ୍କୁ ଏହି ଆହ୍ୱାନରେ ଯୋଡି ବିକଶିତ ଭାରତର ସଂକଳ୍ପକୁ ସାକାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶନିବାର ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତର ମାଲଗୁଣ୍ଡ ଠାରେ "ବିକଶିତ ଭାରତ ସଂକଳ୍ପ ଯାତ୍ରା"ରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅମୃତ କାଳର ଚାରିଟି ଅମୃତ ସ୍ତମ୍ଭ ଅର୍ଥାତ୍ ଭାରତର ନାରୀ ଶକ୍ତି, ଯୁବ ଶକ୍ତି, କୃଷି ଶକ୍ତି ଏବଂ ଆମର ଗରିବ ଓ ମଧ୍ୟବିତ୍ତଙ୍କ ଶକ୍ତି ଭାରତକୁ ଶିଖରକୁ ନେବା ସହ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବ । ମୋଦିଙ୍କ ଗ୍ୟାରେଣ୍ଟି ଜନତାଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ଆମେ ସମସ୍ତେ ନିଜ ନିଜ କ୍ଷେତ୍ରରେ 'ବିକଶିତ ଭାରତ' ପାଇଁ ଯୋଗଦାନ ରଖିବା ଦରକାର । ସମସ୍ତଙ୍କୁ ସାଙ୍ଗରେ ନେଇ ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ, ବ୍ଲକରୁ ସହର ପର୍ଯ୍ୟନ୍ତ ତଥା ସହରରୁ ଜିଲ୍ଲା ଏବଂ ରାଜ୍ୟ ସହ ଦେଶକୁ ସାମଗ୍ରିକ ଭାବରେ ମଜଭୂତ କରିବାକୁ ହେବ । ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନ୍ତର୍ଗତ ମୋଦି ଗ୍ୟାରେଣ୍ଟି ଗାଡି ଭାରତବର୍ଷର ଅନେକ ପଞ୍ଚାୟତରେ ପହଞ୍ଚିଲାଣି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨୦୨୯ ପର୍ଯ୍ୟନ୍ତ ମାଗଣା ଚାଉଳ, ସୌଭାଗ୍ୟ ଯୋଜନାରେ ପ୍ରତି ଘରକୁ ବିଜୁଳି, ଜନଧନ ଜରିଆରେ ବ୍ୟାଙ୍କଖାତାକୁ ଟଙ୍କା ଦେବାର ଗ୍ୟାରେଣ୍ଟି ମୋଦି ଦେଇଛନ୍ତି । ସମସ୍ତ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁଫଳ ଯେପରି ନିର୍ଦ୍ଧାରିତ ସମୟରେ ସମସ୍ତ ହିତାଧିକାରୀଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ସରକାରଙ୍କ ପ୍ରମୁଖ ଯୋଜନାଗୁଡ଼ିକୁ ଉପଲବ୍ଧ କରାଇବା ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରୟାସ ରହିଛି ।

ସମସ୍ତଙ୍କୁ ସାଙ୍ଗରେ ନେଇ ସମସ୍ତ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ସ୍ୱାଭିମାନ ସହକାରେ ବଞ୍ଚିବାର ସ୍ୱପ୍ନକୁ ସାକାର କରିବା । ଏହା ସହ କେନ୍ଦ୍ରମନ୍ତ୍ରୀ ଲୋକମାନଙ୍କୁ ନମୋ ଆପ୍, ମାଇ ଭାରତ ସଂଗଠନରେ ଯୋଡିହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ । ସେହିପରି ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସମବେତ ଜନତାଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ କରାଇଥିଲେ । ମୋଦି ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଲାଭାର୍ଥୀଙ୍କୁ ଭେଟି ଆଲୋଚନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଦୁର୍ନୀତି, ବ୍ୟଭିଚାର, ଭ୍ରଷ୍ଟାଚାର ସହିତ...

"ସିବିଆଇ ତଦନ୍ତ" ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ। ଦେଶବାସୀଙ୍କୁ ବିକାଶର ଗ୍ୟାରେଂଟି ଦେଉଥିବା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତିଗ୍ରସ୍ତ ଲୋକଙ୍କ ଠାରୁ ଗୋଟି ଗୋଟି ଟଙ୍କା ଅସୁଲ କରିବାର ଗ୍ୟାରେଂଟି ଦେଉଛନ୍ତି। ଯଦି ମୁଖ୍ୟମନ୍ତ୍ରୀ ନିଜେ ସ୍ୱଚ୍ଛ ବୋଲି ଡିଣ୍ଡିମ ପିଟୁଛନ୍ତି ତାହାଲେ ନିଜର ଓ ଦଳର ସ୍ୱଚ୍ଛତା ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ଏଭଳି କଳାକାରନାମାର "ସିବିଆଇ" ଦ୍ୱାରା ତଦନ୍ତ କରନ୍ତୁ । ଦୁର୍ନୀତି, ବ୍ୟଭିଚାର, ଭ୍ରଷ୍ଟାଚାରରେ ରାଜ୍ୟ ସରକାର ନମ୍ବର ୧ଥିବାବେଳେ ଏବେ "କଳାଟଙ୍କା"ରେ ମଧ ରାଜ୍ୟ ସରକାର ୧ନଂ। ଏ ଘଟଣା ଓଡ଼ିଶାର ସମସ୍ତଙ୍କ ମନରେ ଦୁଃଖ ଦେଇଛି। ଯେଉଁ ବ୍ୟକ୍ତି ଏହି କଳାଟଙ୍କାରେ ସାମିଲ ଅଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ସାମଲ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ରାଜ୍ୟ ସାମାଜିକ ଗଣମାଧ୍ୟମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ରାଜ୍ୟର କିଏ ଧରିବେ ମଙ୍ଗ...

କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି ଖୁବ ଶିଘ୍ର ମୁଖ୍ୟମନ୍ତ୍ରୀ ଚେହେରା ଉପରେ ମୋହର ବାଜିବ । ତିନି ରାଜ୍ୟ ପାଇଁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ବସିବ । ବୈଠକରେ ସିଧାସଳଖ ବିଧାୟକଙ୍କ ସହ କଥା ହୋଇ ସେମାନଙ୍କ ମତ ନେବେ ପର୍ଯ୍ୟବେକ୍ଷକ । ଏହା ପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ପରାମର୍ଶ ନେଇ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ । ଅନ୍ୟପ୍ରୁଙ୍କ ବିଜେପିକୁ କଟାକ୍ଷ କରିଛନ୍ତି ରାଜସ୍ଥାନ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ । ବିଜେପି ଅନୁଶାସନ କଥା କହୁଛି କିନ୍ତୁ ଫଳାଫଳକୁ ୭ଦିନ ବିତିଯାଇଥିଲେ ବି ମୁଖ୍ୟମନ୍ତ୍ରୀ ଚୟନ କରିପାରୁନି । ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ବିଜେପି କୌଣସି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନକରି ବିଜୟୀ ହୋଇଥିଲା । ଏହି ତିନି ରାଜ୍ୟରେ ଅନେକ ସାଂସଦ ଓ ମନ୍ତ୍ରୀ ବିଧାନସଭା ନିର୍ବାଚନ ଲଢିଥିଲେ । ସେମାନଙ୍କ ମଧ୍ୟରୁ ୧୨ ଜଣ ବିଜୟୀ ହୋଇଛନ୍ତି । ଏହା ପରେ ସେମାନେ ସାଂସଦ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୌଡ ଅଧିକ ରୋଚକ ହୋଇପଡିଛି । ଏମାନଙ୍କ ମଧ୍ୟରୁ କେହି ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ମଧ ବଢିଛି ।

## ମଦ ବ୍ୟବସାୟୀଙ୍କ ପାଖରୁ...

ହିସାବ ଦେଶବାସୀଙ୍କ ପାଖରେ ରଖିଲେ ନାହିଁ। ଦୟାକରି ଏହାର ତଥ୍ୟ ବିଳମ୍ବ ହେଲେ ମଧ ଦେଶବାସୀଙ୍କ ସମ୍ମୁଖରେ ରଖାଯାଉ। ଏସବୁ କଳାଟଙ୍କାର ପାହାଡ଼ ଆଗରୁ କେବେ ଦେଖାଯାଉନଥିଲା। ଭାରତବର୍ଷରେ ଏକ ଦୁର୍ନୀତିମୁକ୍ତ ସରକାର ଓ ଓଡ଼ିଶାରେ ଅତ୍ୟନ୍ତ ଲୋକପ୍ରିୟ ଏବଂ ଦୁର୍ନୀତି ବିରୁଦ୍ଧରେ ଲଢୁଥିବା କଥା କହୁଥିବା ଏକ ସରକାର ସମୟରେ ୩୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ଠାବ ହେବା ଏହା କେଉଁ ଦିଗକୁ ସୂଚାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଦଳର ନେତୃବୃନ୍ଦ ମଦ ବ୍ୟବସାୟୀଙ୍କ ସଂଗଠନରେ ଲାଭାର୍ଥୀ ଥିଲେ। ସଂପୂର୍ଣ୍ଣ ବିଚାରବିଭାଗୀୟ ତଦନ୍ତ କରାଗଲେ ଏହାର ସଂପୂର୍ଣ୍ଣ ତଥ୍ୟ ଜନସାଧାରଣ ପାଇବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଂଗଠନିକ ବୈଠକ




ବାଲେଶ୍ୱର,୦୯/୧୨ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଂଗଠନିକ ବୈଠକ ସଂଘର କାର୍ଯ୍ୟାଳୟ ପରିସରରେ ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠମାନଙ୍କୁ ଉପେକ୍ଷା ଓ ତା'ର ସମାଧାନ, ପେନ୍‌ସନ୍ ଜନିତ ବିଭିନ୍ନ ସମସ୍ୟାକୁ ସରକାର କର୍ଣ୍ଣପାତ କରୁନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ ବିବରଣୀ ଉପସ୍ଥାପନ କରିଥିବାବେଳେ ଅର୍ଥ ସମ୍ପାଦକ ଶ୍ରୀ ଦାମୋଦର ନାୟକ ଅର୍ଥ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। ସଂଘର ଯୁଗ୍ମ ସଂପାଦକ ଶ୍ରୀ ସୁଦର୍ଶନ ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଇଂ ସୁରେନ୍ଦ୍ର ନାୟକ, ସଂଗଠନ ସମ୍ପାଦକ ସୁଜିତ୍ କୁମାର ଜେନା, ବରିଷ୍ଠ ସଦସ୍ୟ ଡ. ରମାକାନ୍ତ ନାୟକ, ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ମୀନା ସେଠୀ, ଶିଶିର କୁମାର ରଥ, ପ୍ରଫୁଲ୍ଲ ଜେନା, ନିରଞ୍ଜନ ପରିଡ଼ା, ରବିନାରାୟଣ ବେହେରା, ତୃପ୍ତିକାନ୍ତ ଷଡ଼ଙ୍ଗୀ, ଯୁଧିଷ୍ଠିର ନନ୍ଦ, ଡ. ତାରାକାନ୍ତ ନନ୍ଦ, ଶ୍ରୀରାମ ପ୍ରସାଦ ଦାଶ, ରବୀନ୍ଦ୍ର ପାଣି, ଯୋଗେନ୍ଦ୍ର ନାଥ ସିଂ, ଅଜୟ କୁମାର ନାୟକ, ଅଜିତ୍ କୁମାର ସେନ୍, ସୀତାରାମ ପ୍ରଧାନ, ବାସନ୍ତୀ ମାସନ୍ତ, ପଦ୍ମଲୋଚନ ଦତ୍ତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଦୀନେଶ ଚନ୍ଦ୍ର ନାୟକ, ବେଣୁଧର ସାହୁ, ସେଖ୍ ଆଲ୍ଲାଉଦ୍ଦିନ୍, ଶେଖ୍ ୱାଜିପ୍ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ହୀରକ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନୀଳଗିରି,୦୯/୧୨ (ନି.ପ୍ର): ସନ୍ତରା ଗଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଠାରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପ୍ରାକ୍ତନ ଛାତ୍ର ବ୍ରଜକିଶୋରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାକ୍ତନଛାତ୍ର ସ୍ୱର୍ଗତ ଯଦୁନାଥ ରାଉତଙ୍କର ବିୟୋଗରେ ମଧ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ଶିକ୍ଷକ ଅଭାବ, ଶ୍ରେଣୀଗୃହ ଅଭାବ ସହିତ ପାଠ୍ୟଉପକରଣ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବିଦ୍ୟାଳୟକୁ କରାଯାଇଥିବା ପାଞ୍ଚଲକ୍ଷ ଟଙ୍କା ଅନୁଦାନକୁ କିପରି ସୂଚାର ରୂପେ ବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବ ସେନେଇ ବୈଠକରେ ସ୍ଥିର କରାଯାଇଥିଲା। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ବିଦ୍ୟାଳୟକୁ ପାଞ୍ଚଲକ୍ଷ ଟଙ୍କା ଅନୁଦାନ କରିଥିବାରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଧନ୍ୟବାଦ ଅର୍ପଣ କରିବା ସହିତ ୨୦୨୩/୨୪ବର୍ଷରେ ବିଦ୍ୟାଳୟର ୬୦ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଛାତ୍ରସଂସଦର ସଭାପତି ଅମରେନ୍ଦ୍ର ପଟ୍ଟନାୟକ,ସମ୍ପାଦକ ଡ଼ଃ ଅକ୍ଷୟ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରାମକୃଷ୍ଣ ସ, ରମାକାନ୍ତ ପାଢ଼ୀ, ଅମୀୟ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ବେହେରା,ଡ଼ଃ ଗୌରହରି ଜେନା, କପିଳ ସାମଲ, ରମାକାନ୍ତ ସ,ହଳଧର ନାୟକ, ଧରଣୀଧର ଦାସ, କରୁଣାକର ରାଉଳ,ଉଦୟ କୁମାର ମହାନ୍ତି,ଅଶୋକ ରାଉଳ, ମୁନା ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ବାରିକ,ଶିକ୍ଷକ ସଞ୍ଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବନ୍ଦେ ଉତ୍କଳ ଜନନୀ ସଂଗୀତ କାନ୍ତକବିଙ୍କୁ ଚିର ଅମର କରିଛି

ଭୁବନେଶ୍ୱର, ୦୯ /୧୨ (ନି.ପ୍ର) - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୬ତମ ଜୟନ୍ତୀ ଶନିବାର ପ୍ରତ୍ୟୁଷରେ ଭୁବନେଶ୍ୱର ପିଏମଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ମିହିର ପଟ୍ଟନାୟକ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, କାନ୍ତକବିଙ୍କ ପୌତ୍ର ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଫେସର ଡଃ ରଙ୍ଗାଧର ସାହୁ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ବିଜୟ କୁମାର ତ୍ରିପାଠୀ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, କବି ଲକ୍ଷ୍ମୀଧର ଦାସ, ଅଶ୍ୱିନୀ ପଟ୍ଟନାୟକ, ଅନୁପମା ବେହେରା, ଶାନ୍ତିଲତା ସାହୁ, ମନୋରଂଜନ ମହାନ୍ତି, ସମାଜସେବୀ ସଂଜୟ ପରିଡ଼ା, ପ୍ରଗତି ରଥ, ନଗେନ୍ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ କାନ୍ତକବିଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଭଦ୍ରକର ତାଳପଦା ଗ୍ରାମରେ ଜନ୍ମିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ବହୁ ଗଳ୍ପ, କବିତା ଓ ଉପନ୍ୟାସ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସେ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଓଡ଼ିଶାର ରାଜ୍ୟ ସଂଗୀତ ମାନ୍ୟତା ପାଇଛି । କାନ୍ତକବିଙ୍କ କାଳଜୟୀ ଉପନ୍ୟାସ 'କଣାମାମୁ', 'କେଉଁ ଯଶବାନା ଉଡାଇବ ହେ' ଭକ୍ତିସଂଗୀତ 'ବୁଢା ଶଙ୍ଖାରୀ' ଗଳ୍ପ ଆଜି ମଧ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରିଛି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପ୍ରତ୍ୟେକ ଓଡ଼ିଆ ଓଡ଼ିଆରେ ଲେଖିବା ଓ ଓଡ଼ିଆରେ କହିବା ସହ ସମସ୍ତେ ଓଡ଼ିଆ ପୁସ୍ତକ ପଠନ କରି ଓଡ଼ିଆ ଭାଷାକୁ ସମୃଦ୍ଧ କଲେ ତାହା ହେବ କାନ୍ତକବିଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ ।

# "ଶିଶୁ ସାଥୀ ସମ୍ମାନ" - ୨୦୨୩ ପ୍ରଦାନ




ଭଦ୍ରକ,୦୯/୧୨ (ନି.ପ୍ର): ଶିଶୁ ମାନଙ୍କ ପାଇଁ ଉର୍ତ୍ସଗୀକୃତ ସେବା, ଶିଶୁ ସୁରକ୍ଷା, ଶିଶୁ ମାନଙ୍କ ପାଇଁ ଶିଶୁ ଉପଯୋଗୀ ସାହିତ୍ୟ ରଚନା ନିମନ୍ତେ ଗରଦପୁର ସ୍ଥିତ ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ଅନୁଷ୍ଠିତ ଶିଶୁ ମନୋଭାବନା କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକରେ ଆଇନ ପ୍ରୋବେସନ ଅଧିକାରୀ ରୂପେ କାର୍ଯ୍ୟ ତୁଲାଉଥିବା ତଥା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରାଜେନ୍ଦ୍ରପୁର , ବାରିକପୁର ବଜାର ନିର୍ଗୁଣ୍ଡି ପଂଚାୟତର ସୁବ୍ରତ କୁମାର ଦାସଙ୍କୁ "ଶିଶୁ ସାଥୀ ସମ୍ମାନ" ୨୦୨୩ ପ୍ରଶଂସାସୂଚକ ମାନପତ୍ର ପ୍ରଦାନ କରାଯାଇଛି । ଏହି ମାନପତ୍ରକୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ସୁଜାତା ଜେନା ଓ ମଂଚାସୀନ ଅତିଥି ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ଼ା ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳି ଜେନା ଓ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଦାନ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ଜାମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍ଘାଟନ ଉତ୍ସବ

ବଲାଙ୍ଗିର,୦୯/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଜାମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଙ୍କୁ ବେଣ୍ଡବାଜା ସହ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଅଧ୍ୟକ୍ଷ ଶିବ ଶଙ୍କର ଉଦ୍ଘାତାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମଂଚରେ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସଂଗୀତ ଓ ଦୀପ ପ୍ରଜ୍ୱଳନ ଶ୍ଳୋକ ପଠନ କରିଥିଲେ । ସଭା କାର୍ଯ୍ୟ ଆରମ୍ଭରେ ସଭାର ସଭାପତି ଶ୍ରୀ ଉଦ୍ଘାତା ସ୍ୱାଗତ ବକ୍ତବ୍ୟ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ମୁଖ୍ୟବକ୍ତା ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସି.ଭୋଇ, ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନ ଅଧ୍ୟାପକ ଏସ.କେ. ବିଶ୍ୱାଲ, ନୋଡାଲ ଅଫିସର ଓଡିଆ ଅଧ୍ୟାପକ ଡି. ପଟେଲ ଓ ସଭା ସଂଯୋଜକ ଇଂରାଜୀ ଅଧ୍ୟାପକ ଏଚ.ଏସ୍.ସ୍ୱାଇଁ ମଂଚାସିନ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ନବୀନ ସରକାର ଦେଇଥିବା ପ୍ରୋତ୍ସାହନ ରାଶି ଛାତ୍ର ଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ । ନବୀନ ଓଡିଶାକୁ ଭୂୟସି ପ୍ରଶଂସା କରି ଧନ୍ୟବାଦ ଜଣାଇଥିଲେ । ବକ୍ତା ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟର ପୂର୍ବ ସ୍ରଷ୍ଟାମାନଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଛାତ୍ରମାନଙ୍କୁ ବିଶ୍ୱ ନିୟନ୍ତା ହେବା ପାଇଁ ସୁନ୍ଦର ଭାବରେ ଉତ୍ସାହିତ କରି କ୍ରୀଡା, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଆଂଚଳିକ ଦୃଷ୍ଟାନ୍ତ ଦେଇଥିଲେ । ଖେଳ ଶିକ୍ଷକ ଏ.କେ.ଭଞ୍ଜଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଓ ସଭାପତି ପତାକା ଉତୋଳନ, ଶପଥ ପାଠ, ମଶାଲ ଯାତ୍ରା କରି କ୍ରୀଡାର ଶୁଭାରମ୍ଭ କରିଥିଲେ ।

# ଜିଲ୍ଲା ପୋଲିସରେ ଅଦଳ ବଦଳ

ବାରିପଦା,୦୯/୧୨ (ନି.ପ୍ର): ମୟୁରଭଞ୍ଜରେ ନୂତନ ଏସପି ଭାବରେ ଏସ. ସୁଶ୍ରୀ ଯୋଗଦେବା ପରେ ଜିଲ୍ଲା ପୋଲିସରେ ଅଦଳ ବଦଳ କରିଛନ୍ତି. ଆଜି ବାରିପଦା ଟାଉନ ଥାନା ଅଧିକାରୀ ଇନିସ୍ପେକ୍ଟର ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଝାରପୋଖରୀଆ ଥାନା ଅଧିକାରୀ ଭାବରେ, ସୁଲିଆପଦା ଥାନା ଅଧିକାରୀ ଇନିସ୍ପେକ୍ଟର ସୁମିତ କୁମାର ସୋରେନଙ୍କୁ ବାରିପଦା ଟାଉନ ଥାନା ଅଧିକାରୀ ଭାବରେ, ପୋଲିସ ହେଡ୍‌କ୍ୱାଟର ଏଚଆରପିସି ଦାୟିତ୍ୱରେ ଥିବା ଇନିସ୍ପେକ୍ଟର ଉମାଶଙ୍କର ନାୟକଙ୍କୁ ବଡ଼ସାହି ଥାନା ଅଧିକାରୀ ଭାବରେ, ବଡ଼ସାହି ଥାନା ଅଧିକାରୀ ଇନିସ୍ପେକ୍ଟର ପ୍ରଭଞ୍ଜନ ବେହେରାଙ୍କୁ କପ୍ତିପଦା ଥାନା ଅଧିକାରୀ ଭାବରେ, କପ୍ତିପଦା ଥାନା ଅଧିକାରୀ ଥିବା ଇନିସ୍ପେକ୍ଟର ଆଦିତ୍ୟ ପ୍ରସାଦ ଜେନାଙ୍କୁ ସୁଲିଆପଦା ଥାନା ଅଧିକାରୀ ଭାବରେ, ହେଡ୍‌କ୍ୱାଟରରେ ଥିବା ଇନିସ୍ପେକ୍ଟର ପ୍ରିୟଦର୍ଶିନୀ ଖଟୁଆଙ୍କୁ କୁଳିଅଣା ଥାନା ଅଧିକାରୀ ଭାବରେ, କୁଳିଅଣା ଓଆଇସି ଥିବା ସବ ଇନିସ୍ପେକ୍ଟର ଶୋଭାକର ଜେନାଙ୍କୁ ହେଡ଼କ୍ୱାଟର ଏଚଆରପିସି ଦାୟିତ୍ୱ, ଜାମଦା ଥାନା ଅଧିକାରୀ ଥିବା ସବ ଇନିସ୍ପେକ୍ଟର ମିନତୀ ନାୟକଙ୍କୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ଭାବରେ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ସବ ଇନିସ୍ପେକ୍ଟର ମଧୁସୂଦନ ଦତ୍ତଙ୍କୁ ଜାମଦା ଥାନା ଅଧିକାରୀ ଭାବରେ ବଦଳି କରାଯାଇଥିବାର ଜଣାଯାଇଛି । ତେବେ ମାତ୍ର ଦେଢ଼ ମାସ ତଳେ ଝାରପୋଖରୀଆ ଥାନାରୁ ବାରିପଦା ଟାଉନ ଥାନାକୁ ବଦଳି ହୋଇ ଆସିଥିବା ଇନିସ୍ପେକ୍ଟର ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ପୁଣିଥରେ ଝାରପୋଖରୀଆ ଥାନା ଅଧିକାରୀ ଭାବରେ ବଦଳି କରାଯାଇଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି ।

# ମୋବାଇଲ ଲୁଟ ଗ୍ୟାଙ୍ଗର ଆଉ ଦୁଇ ଗିରଫ : ଉଦ୍ଧାର ମୋବାଇଲ ସଂଖ୍ୟା ୬୨ରେ ପହଞ୍ଚିଲା

## ଝାଡ଼ଖଣ୍ଡରେ ବିକୁଥିଲେ ଚୋରି ମୋବାଇଲ



ବାରିପଦା,୦୯/୧୨ (ନି.ପ୍ର): ବାରିପଦା ସହରରେ ଦିନକୁ ଦିନ ସୁନା ଚେନ, ବାଇକ ଏବଂ ମୋବାଇଲ ଫୋନ ଛୀନତାଇ ବୃଦ୍ଧି ପାଉଥିବା ବେଳେ, ଏହା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଥିଲା. ତେବେ ଗତ ତା ୦୪/୧୨/୨୦୨୩ ଦିନ ବାରିପଦା ୱାର୍ଡ ନଂ ୧୧ର ମନୋରଞ୍ଜନ ମହନ୍ତଙ୍କ ପୁଅ ବାସୁଦେବ ମହନ୍ତ (୧୮) ବାରିପଦା ଟାଉନ ଥାନାରେ ୩୦ତାରିଖ ଦିନ ସକାଳେ ତାଙ୍କ ଫୋନ ଲୁଟ ହୋଇଥିବାର ଅଭିଯୋଗ କରିବା ପରେ ବାରିପଦା ଟାଉନ ଥାନାରେ କେଶ ନଂ ୭୫୩/୨୩ ମୂଳେ କେଶ ରୁଜୁ କରି ପୋଲିସ ସିସିଟିଭି ଫୁଟେଜ ଆଧାରରେ ଏଭଳି ଏକ ଗ୍ୟାଙ୍ଗକୁ ଧରିବାରେ ବାରିପଦା ଟାଉନ ପୋଲିସ ସଫଳ ହେବା ସହ ଗତ ୬ତାରିଖରେ ୩ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୩ଟି ବାଇକ ଏବଂ ୫୨ଟି ମୋବାଇଲ ଫୋନ ଜବଦ କରିଥିଲା. ତେବେ ଏହି ଗ୍ୟାଙ୍ଗର ଅନ୍ୟ ଦୁଇଜଣ ଲୁଟେରା ଫେରାର ଥିଲେ । ତେବେ ଗତ କାଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଏସପି ଏସ. ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ପୋଲିସ ବାରିପଦା ସହରର ଯମୁନାଦେଇପୁର ଅଞ୍ଚଳରେ ଚଢ଼ାଉ କରି ସେଠାରେ ଫେରାର ଥିବା ଜଣେ ଆସାମୀକୁ ଗିରଫ କରିବା ସହ ତାର ମାମୁଁଘର ଧନପୁର ଗାଁକୁ ଯାଇ ସେଠାରୁ ଅପରାଧରେ ବ୍ୟବହାର କରିଥିବା ମୋଟର ସାଇକେଲମଧ ଜବତ କାରାଯାଇଛି. ସେ ବହୁ ମୋବାଇଲ ଫୋନକୁ ଝାଡ଼ଖଣ୍ଡରେ ବିକି ଦେଇଥିବାର ସ୍ୱୀକାର କରିବା ପରେ ପୋଲିସ ଟିମ ଝାଡ଼ଖଣ୍ଡର ଶାଳଦୋହା ଗାଁକୁ ଯାଇ ମୋବାଇଲ କ୍ରୟ କରିଥିବା ଲୋକକୁ ଗିରଫ କରିବା ସହ ତାଠାରୁ ୭ଟି ମୋବାଇଲ ଜବଦ କରିଥିବାର ଜଣାଯାଇଛି। ଏହି ଗ୍ୟାଙ୍ଗରେ ଆହୁରି କିଛି ଚୋର ଫେରାର ଥିବାର ଜଣାଯାଇଥିବା ବେଳେ, ସେମାନଙ୍କୁ ମଧ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି. ଏହି ଜବତ ହୋଇଥିବା ଗାଡି ଓ ମୋବାଇଲ ଗୁଡିକର ମାଲିକାନା ଯାଞ୍ଚ ଚାଲି ଥିବା ବେଳେ ଯାଞ୍ଚ ପରେ ସେଗୁଡିକ ଫେରସ୍ତ କରାଯିବ ବୋଲି ଜଣାଯାଇଛି ।

# ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ପଶ୍ଚିମ ଓଡିଶା ବିକାଶ ପରିଷଦର ବଡ ପଦକ୍ଷେପ : ସୁବର୍ଣ୍ଣପୁରରେ ମହାନଦୀ ନେତ୍ର ଚିକିତ୍ସାଳୟର ହେବ ଉନ୍ନତିକରଣ

ସୁବର୍ଣ୍ଣପୁର,୦୯/୧୨ (ନି.ପ୍ର): ରାଜ୍ୟରେ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଦୃଷ୍ଟିହୀନତା ଅନ୍ୟତମ । ଏହାର ଚିକିତ୍ସା, ନିରାକରଣ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସୁନେତ୍ର ଯୋଜନା ମାଧ୍ୟମରେ ବିଭିନ୍ନ ସରକାରୀ ଚିକିତ୍ସାଳୟ ଗୁଡିକରେ ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଏହି କ୍ରମରେ ପଶ୍ଚିମ ଓଡିଶାରେ ମଧ୍ୟ ଚକ୍ଷୁ ଜନିତ ସମସ୍ୟାର ସମାଧାନ ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ନେତ୍ର ଚିକିତ୍ସାଳୟ କାର୍ଯ୍ୟ କରୁଛି ଏବଂ ଏହି ଚିକିତ୍ସାଳୟକୁ ଆହୁରୀ ସୁଦୃଢ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବା ନେଇ ସୂଚନା ଦେଇଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ । ଆଜି ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଆଭାଷୀ ମାଧ୍ୟମରେ ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କ ସହ ଜିଲ୍ଲାରେ ପରିଷଦର ଆର୍ଥିକ ଅନୁଦାନରେ ନିର୍ମାଣ କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଶ୍ରୀ ତ୍ରିପାଠୀ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକାରୀଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ୧ କୋଟି ବ୍ୟୟ ବରାଦରେ ଚିକିତ୍ସାଳୟର ଉନ୍ନତିକରଣ କରାଯିବ । ବର୍ତ୍ତମାନ ଚିକିତ୍ସାଳୟରେ ୩୦ଟି ଶଯ୍ୟା ଥିବା ବେଳେ ଏହାକୁ ୮୦ ଶଯ୍ୟା ବିଶିଷ୍ଟ କରାଯିବା ନେଇ ପ୍ରସ୍ତାବ ଦିଆଯାଇଛି । ଆଧୁନିକ ଚିକିତ୍ସା ଉପକରଣ ର ବ୍ୟବସ୍ଥା କରାଯିବା ସମେତ ପଶ୍ଚିମ ଓଡିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଏହା ଉତ୍କର୍ଷର କେନ୍ଦ୍ର ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।ଏହାସହ ସୁବର୍ଣ୍ଣପୁରରେ ନିର୍ମାଣ ହେଉଥିବା ନୂତନ ପର୍ଯ୍ୟଟନ ଆକର୍ଷଣ ହସ୍ତତନ୍ତ ମଲ୍ ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ବୁଝିବା ସହିତ ଜିଲ୍ଲା ଲାଇବ୍ରେରୀର ଉନ୍ନତିକରଣ ବିଷୟରେ ଆଲୋଚନା କରିଛନ୍ତି । ଉକ୍ତ ବୈଠକରେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ. ଅଜିତ୍ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ ।

ରବିବାର, ଡିସେମ୍ବର ୧୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଚିକିତ୍ସାଧୀନ କ୍ୟାମେରାମ୍ୟାନଙ୍କ ମୃତ୍ୟୁ



ବସ୍ତା,୯.୧୨(ନିପ୍ର):ରୂପସା ଥାନା ଅନ୍ତର୍ଗତ ରୂପସା ସାମିଲ ହସନପୁର ଗ୍ରାମର ବିଶିଷ୍ଟ କ୍ୟାମେରା ମ୍ୟାନ ତଥା ରମା ଡିଜିଟାଲ ଷ୍ଟୁଡ଼ିଓର ମାଲିକ ସୁଜିତ ଗଡ଼ନାୟକ ଓରଫ ଜୁଲୁଙ୍କର ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିଲା । ବାପା ପ୍ରଦୀପ ଚନ୍ଦ୍ର ଗଡ଼ନାୟକ ଓ ମାଆ ରମାବତୀ ଗଡ଼ନାୟକଙ୍କର ସେ ଥିଲେ ବଡପୁଅ । ରୂପସା ବଜାରରେ ତାଙ୍କ ମାଆାଙ୍କ ନାମରେ ଏକ ଡିଜିଟାଲ ଷ୍ଟୁଡ଼ିଓ ଥିଲା । ରୂପସା ସମେତ ବିଭିନ୍ନ ଅଂଚଳରେ ସେ ଫଟୋ ଏବଂ ଭିଡ଼ିଓ ସୁଟିଂ କରି ଖ୍ୟାତି ଅର୍ଜନ କରିଥିଲେ । ଏକ ଦୁର୍ଘଟଣାରେ ସେ ଶିକାର ହେବା ପରେ କ୍ୟାନସର, ମଧୁମେହ ଓ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଓ କଟକ ମେଡିକାଲରେ ଚିକିତ୍ସିତ ହୋଇ ଘରେ ଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁଧବାର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଗୁରୁବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଅତ୍ୟନ୍ତ ଅମାୟିକ, ସରଳ ଓ ଭଦ୍ର ସ୍ୱଭାବର ଥିଲେ । ତାଙ୍କର ବାପା, ମାଆ, ସାନଭାଇ,ଭାଇ ବୋହୂ ସ୍ତ୍ରୀ,୧୫ ବର୍ଷର ଜଣେ ଝିଅ ଅଛି କ୍ଷ ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି, ବ୍ୟବସାୟୀ, ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ମୃତ୍ୟୁ ଯୋଗୁଁ ସମଗ୍ର ରୂପସା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବାରିପଦା ଠାରେ ଶ୍ରମିକ କନଭେନସନ ଅନୁଷ୍ଠିତ

# ଡିସେମ୍ବର ୧୬ ଶ୍ରମିକ ସମାବେଶ ପାଇଁ ଏଆଇଟିୟୁସିର ଆହ୍ୱାନ




ବାରିପଦା,୦୯/୧୨ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଏଆଇଟିୟୁସି ସହବନ୍ଧିତ ଓଡିଶା ଫରେଷ୍ଟ, ଉଡ, ଏଗ୍ରିକଲଚର ଆଣ୍ଡ ବିଲଡିଙ୍ଗ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ, ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ, ନିଖିଳ ଓଡିଶା ଏନଆରଇଜିଏ ଶ୍ରମିକ ସଂଘ, ଭାରତୀୟ ଖେତ ମଜଦୂର ୟୁନିୟନ ପ୍ରମୁଖ ସଂଗଠନର ଶ୍ରମିକ ନେତା ମାନେ ବାରିପଦା ପାଲବଣି ଗେଟ ବଜାର ଠାରେ ଅନୁଷ୍ଠିତ ଶ୍ରମିକ କନଭେନଶନରେ ଯୋଗଦେଇ ଶ୍ରମିକ ମାନଙ୍କ ସମସ୍ୟା ବାବଦରେ ଆଲୋଚନା କରିଛନ୍ତି. ଭୁବନେଶ୍ୱର ଠାରେ ଡିସେମ୍ବର ୧୬ରେ ହେବାକୁ ଥିବା ବିଶାଳ ଶ୍ରମିକ ସମାବେଶର ସଫଳତା ପାଇଁ ଆହ୍ୱାନ ବୈଠକରେ ଦିଆଯାଇଛି. ଏଆଇଟିୟୁସି ନେତା କାହ୍ନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରମିକ କନଭେନଶନରେ ଏଆଇଟିୟୁସି ରାଜ୍ଯ ସମ୍ପାଦକ ଜୟନ୍ତ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡାକ୍ତର ପ୍ରଶାନ୍ତ ମିଶ୍ର, ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଆଶା କର୍ମୀ ସହ ସମ୍ପାଦକ ନନ୍ଦିନୀ ମହାରଣା, ସୁକମଣୀ ଜେନା, ମଞ୍ଜୁରାଣୀ ବେହେରା, ମହେଶ୍ୱର ବେହେରା, ସମାୟ ହେମ୍ବ୍ରମ, ଝୁନା ସିଂ, ବୁଧୁ ସିଂ, ଅଭିରାମ ଜେନା, ଆଶା ପ୍ରଧାନ, ଶାନ୍ତିଲତା ମାହାନ୍ତ, ମିଲି ରାମ ପ୍ରମୁଖ ଯୋଗଦେଇ ୨୦୦୦ ମସିହାରୁ ଇତି ମଧ୍ୟରେ ରାଜ୍ୟରେ ହଜାର ହଜାର ଅଣୁ, ଲଘୁ, କୁଟୀର, କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ କଳ କାରଖାନା ପରିଚାଳନାଗତ ତୃଟି ନେଇ ବନ୍ଦ ହୋଇଥିବା ବେଳେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ କର୍ମନିଯୁକ୍ତି ହରାଇ ବସିଛନ୍ତି ସେହିପରି କେନ୍ଦ୍ର ସରକାର ଶ୍ରମିକ ମାରଣ ନୀତି ପାଇଁ ଶ୍ରମିକ ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଡିସେମ୍ବର ୧୬ରେ ଭୁବନେଶ୍ୱର ଠାରେ ହେବାକୁ ଥିବା ବିଶାଳ ଶ୍ରମିକ ସମାବେଶରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

# ନୀଳଗିରି ମହିଳା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୀଳଗିର,୦୯/୧୨ (ନି.ପ୍ର): ନୀଳଗିରି ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅଧିନରେ ସାମାଜିକ ସେବା କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ନିକଟ ସଜନାଗଡର ପ୍ରତ୍ୟେକ୍ଷ ଦେବୀ ପୀଠ ମା' ଭୂଧାରଚଣ୍ଡୀଙ୍କ ମନ୍ଦିର ଭିତରେ ଓ ବାହାରେ ସଫେଇ କାର୍ଯ୍ୟକରିବା ସହିତ ଏକ ସଚେତନତା ରାଲିରେ ବଜାର ପରିକ୍ରମା କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ଉଦ୍ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ନୋଡାଲ୍ ଅଫିସର ଅଧ୍ୟାପକ ହେମନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ରାଜଶ୍ରୀ ବେହେରା ଓ ଅଧ୍ୟାପକ ସୁପ୍ରେମ ଦାସ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଭାସ୍କର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ ଛାତ୍ରୀମାନେ ସାମିଲ ହୋଇଥିଲେ।

# ବସ୍ତାରେ ଏସଡିପିଓଙ୍କୁ ସମ୍ବର୍ଦ୍ଧନା



ବସ୍ତା,୯.୧୨(ନିପ୍ର) ନୂଆକରି ଏସ ଡି ପି ଓ ଦାୟିତ୍ୱ ଗ୍ରହଣ କରିଛନ୍ତି ବସ୍ତା ରେ ଶ୍ରୀଯୁକ୍ତ ଅରୁଣ କୁମାର ସାହୁ, ବିଦାୟୀ ବସ୍ତା ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ମାନସ କୁମାର ଦେଓଙ୍କୁ ସୁରେନ୍ଦ୍ର ନାଥ ସ୍ମୃତି କମିଟି ମଥାନି, ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆ, ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସମାଜସେବୀ ତଥା ପ୍ରକୃତି ପ୍ରେମୀ ସୁମନ୍ତ କୁମାର ଜେନା, ପରିବେଶବିତ୍ ଆଚାର୍ଯ୍ୟ ବିଜୟଜୀ, ସମାଜସେବୀ ଅନ୍ତର୍ଯ୍ୟାମୀ ମହାପାତ୍ର, ଗଛମଣିଷ ରବିନ୍ଦ୍ର କୁମାର ବେହେରା ଓ ହେମନ୍ତ କୁମାର ଦାସ ପ୍ରମୁଖ ବସ୍ତା ସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଉଭୟ ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଓଡ଼ିଶାରେ ବୁଦ୍ଧଙ୍କ ସାହିତ୍ୟକୁ ବିମଳେନ୍ଦୁ ବାବୁଙ୍କ ଅବଦାନ ଅତୁଳନୀୟ

## ଡଃ ବିମଳେନ୍ଦୁ ମହାନ୍ତିଙ୍କ ୮୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ



ଭୁବନେଶ୍ୱର,୦୯/୧୨ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ କୁଳପତି ତଥା କ୍ରୀଡ଼ା ନିର୍ଦ୍ଦେଶକ ଡଃ ବିମଳେନ୍ଦୁ ମହାନ୍ତିଙ୍କ ୮୬ତମ ସ୍ୱନକ୍ଷତ୍ର ଉତ୍ସବ ତାଙ୍କ ନୂଆପଲ୍ଲୀସ୍ଥିତ ବାସଭବନରେ ପୂଜ୍ୟପୂଜା ପ୍ରଣାମ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡଃ ମହାନ୍ତିଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଲେ ଯେ, ଦୀର୍ଘ ୪୦ ବର୍ଷ ହେବ ମାନନୀୟ ମହାନ୍ତିଙ୍କୁ ଆମେ ଅତି ନିକଟରୁ ଦେଖିଆସିଛୁ। ତାଙ୍କ ଦୃଢ ମନୋବଳ ଆଜି ତାଙ୍କୁ ସମସ୍ତ କାର୍ଯ୍ୟରେ ସଫଳତା ଦେଇଛି। ନୂତନ ଯୁବପିଢୀ ଯେଉଁମାନେ ଶିକ୍ଷାଦାନ କ୍ଷେତ୍ରରେ ଅଛନ୍ତି, ସେମାନେ ଡଃ ମହାନ୍ତିଙ୍କ ଛାତ୍ର ବତ୍ସଳତାକୁ ଶିକ୍ଷା କରିବା ଉଚିତ୍। ଶିକ୍ଷାବିତ ଡଃ ବୁଦ୍ଧଦେବ ମିଶ୍ର କୃଷି ବିଶ୍ୱବିଦ୍ୟାଳୟରେ ଥିବା ସମୟରେ ତାଙ୍କର କାର୍ଯ୍ୟଶୈଳୀ ସ୍ୱତନ୍ତ୍ର ଥିଲା। ତାଙ୍କ ସ୍ପଷ୍ଟବାଦିତା ପାଇଁ ଛାତ୍ର ତଥା ଅଧ୍ୟାପକମାନେ ତାଙ୍କ ସମ୍ମୁଖୀନ ହେବାକୁ ଏକ ପ୍ରକାର ଭୟ କରୁଥିଲେ। ନିଜ ଅଧ୍ୟବସାୟ ବଳରେ ସେ ସାଧାରଣ ଅଧ୍ୟାପକରୁ କୁଳପତି ହୋଇପାରିଥିଲେ। ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଅବସର ଜୀବନରେ ତାଙ୍କର ଭଗବାନ ବୁଦ୍ଧଙ୍କ ପ୍ରତି ସମର୍ପଣ ଓ ୯ ଖଣ୍ଡ ପୁସ୍ତକ ଲେଖିଥିବା ଆମ୍ଭ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଶେଷରେ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର, ପ୍ରଫେସର ସଂଘମିତ୍ରା ମିଶ୍ର, ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ଇଂ ସୁଧାଂଶୁ ଗନ୍ତାୟତ, ଜର୍ମାନୀରୁ କବି ରାଜେନ୍ଦ୍ର ପ୍ରସାଦ ଦାସ, ଆଡଭୋକେଟ ପ୍ରଶାନ୍ତ ପଟ୍ଟନାୟକ, କଂଗ୍ରେସ ନେତା ଶିଶିର ନାୟକ, ସମାଜସେବୀ ବରୁଣରାଜ, ଡଃ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଡଃ ମହାନ୍ତିଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ନୀଳଗିରିକୁ ମରୁଡି ଘୋଷଣା ଏବଂ ଅଦିନିଆ ବର୍ଷାରେ କ୍ଷୟକ୍ଷତି ଆକଳନ କରି ସର୍ବସାଧାରଣରେ ରିପୋର୍ଟ ପ୍ରକାଶ କରିବାକୁ ସିପିଆଇ (ଏମ)ର ପ୍ରେସ ଇସ୍ତାହାର

ନୀଳଗିର,୦୯/୧୨ (ନି.ପ୍ର): ଚଳିତ ବର୍ଷ ଖରିଫଋତୁରେ ଧାନ ଫସଲରେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ଚକଡ଼ା ପୋକ ପ୍ରଭାବରେ ନୀଳଗିରି ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।ବର୍ତ୍ତମାନ ଅମଳ ସମୟରେ ମିଗଜୋମ ବାତ୍ୟାଫଳରେ ଯାହାବି ଧାନ ଫସଲ ହୋଇଥିଲା ତାହାକୁ ଚାଷୀ ଅମଳ କରି ଘରକୁ ନେଇ ପାରିନାହିଁ। ଧାନ ବିଲରେ କଟା ହୋଇ ପଡିଥିବା ବେଳେ ଅଧିକାଂଶ ବିଲରେ ପାଣି ଜମିରହିଛି। ଫଳରେ ଧାନ ଗଜା ହେବାର ସମ୍ଭାବନକୁ ଏଡାଇ ଦିଆଯାଇ ନପାରେ। ଫଳରେ ଧାରକରଜ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି। ଗତ ନଭେମ୍ବର ୧୭ତାରିଖରେ ନୀଳଗିରି ସିପିଆଇ (ଏମ) ଆଞ୍ଚଳିକ କମିଟି ରାସ୍ତାରୋକ୍ କରି ନୀଳଗିରିକୁ ମରୁଡି ଘୋଷଣା ସହିତ ଋଣ ଛାଡ ପାଇଁ ଦାବୀ କରିଥିଲେ। ପରନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ଶୁକ୍ରବାର ନୀଳଗିରି ସିପିଆଇ ଏମ ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ଖୁବ୍ ଶୀଘ୍ର କ୍ରପ କଟିଁଙ୍ଗ କରି କ୍ଷୟକ୍ଷତି ଆକଳନ କରିବା ସହିତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ଏବଂ ରିପୋର୍ଟ ସାର୍ବଜନୀନ କରିବାକୁ ଦାବି କରିଛି। ୧୫ଦିନ ମଧ୍ୟରେ ପ୍ରଶାସନ ପଦକ୍ଷେପ ନ ନିଅନ୍ତି ଦଳ ଗଣଧାରଣା ଦେବ ବୋଲି ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛି। ଏହି ପ୍ରତିନିଧି ଦଳରେ ଜିଲ୍ଲା କମିଟି ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସୀତାଂଶୁ ସେନାପତି, ଜିଲ୍ଲାସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠୀ, ଗଙ୍ଗାଧର ମହାନ୍ତି, ସତ୍ୟଜିତ ଦାସ, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ 'ନୂତନ ଉନ୍ନତ ଅଭିଳାଷିତ ଓଡ଼ିଶା' ଉତ୍ସବ ଅନୁଷ୍ଠିତ



ନୀଳଗିରି,୦୯/୧୨ (ନି.ପ୍ର): ଔପଦା ବ୍ଲକ ସନ୍ତରାଗଡିଆ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୁଲ୍ୟରେ 'ନୂତନ ଉନ୍ନତ ଅଭିଳାଷିତ ଓଡ଼ିଶ' ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗୌରହରି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନୀଳଗିରି ଶାଖାର ପରିଚାଳକ ସରୋଜ କୁମାର ତ୍ରିପାଠୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଗ ଅଧିକାରୀ ବରିଷ୍ଠ ଅଧ୍ୟାପକ ଶିଶିର କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଡ଼. ଅକ୍ଷୟ କୁମାର ପାଣଗ୍ରାହୀ ମଞ୍ଚଆବାହନ ଓ ପରିଚାଳନା କରିଥିଲେ। ଅଧ୍ୟାପକ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଡ. ଗଦାଧର ବେହେରା, ତ୍ରିଲୋଚନ ବାରିକ, ହରିଶଙ୍କର ପାଣିଗ୍ରାହୀ, ଶ୍ରୀମତୀ ସଂଘମିତ୍ରା ରାଉତ, ବିନୋଦ କୁମାର ନାୟକ, ସାଗରେନ୍ଦ୍ର ମିଶ୍ର, ଅକ୍ଷୟ କୁମାର ପାତ୍ର, ଗଙ୍ଗାଧର ପରିଡା, କ୍ଷୀରୋଦ କୁମାର ଓତା, ଗିରିଧାରୀ ଜେନା, ମନ୍ମଥ କୁମାର ନାୟକ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ରାଜ୍ୟରେ ଶହ ଶହ କୋଟି ଟଙ୍କା ଜବତ ହେବା ଘଟଣାରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

# ଓଡ଼ିଶାର ଜନତାଙ୍କ ଠାରୁ ହରିଲୁଟ ହେଉଥିବା ଅର୍ଥ ଗୋଟି ଗୋଟି କରି ଅସୁଲ କରାଯିବ, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି- ଧର୍ମେନ୍ଦ୍ର ପ୍ରଧାନ

- କେନ୍ଦ୍ରୀୟ ସଂସ୍ଥାର ଚଢାଉ ଦ୍ୱାରା ଓଡ଼ିଶା ଭଳି ରାଜ୍ୟରୁ ଏକାସାଙ୍ଗରେ ଏତେ ପରିମାଣରେ ବେନାମୀ ଅର୍ଥ ଜବତ ହେବା ଚିନ୍ତାର ବିଷୟ
- ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଭଳି ରାଜ୍ୟର କିଛି ବ୍ୟକ୍ତିଙ୍କ ଏହି ଟଙ୍କା ସହ ସମ୍ପର୍କ ଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି
- ଓଡ଼ିଶାରେ ଏପରି ଘଟଣା କେବେ ଦେଖାଯାଇନଥିଲା,ବେନାମୀ ଧନର ମୂଳ ଉତ୍ସ କେଉଁଠି ? ଘଟଣାର ସତ୍ୟାସତ୍ୟ କଣ ? ଓଡ଼ିଶାର ଅବକାରୀ ନୀତି ସହ ସମ୍ପର୍କ ଅଛି ନା ନାହିଁ ? ଏ ସବୁ ତଦନ୍ତ ସାପେକ୍ଷ
- ଜବତ ହେଉଥିବା କଳାଧନ ସହ ଓଡ଼ିଶାର କିଛି ମୁଷ୍ଟିମେୟ ଲୋକମାନଙ୍କର ସମ୍ପର୍କ ଅଛି କି? ସଚ୍ଚୋଟତାର ଡିଣ୍ଡିମ ପିଟୁଥିବା କିଛି ଲୋକମାନେ ଏହି ଘଟଣାରେ ଚୁପ୍ କାହିଁକି ?
- ନୈତିକତାର କଥା କହୁଥିବା କିଛି ରାଜନୈତିକ ଦଳର ନେତାମାନେ ନୀରବ ଥିବାରୁ ସାଧାରଣ ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି
- ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଯେଉଁ ରାଜନୈତିକ ଦଳର ବୋଲି ଖବର ଆସୁଛି, ସେହି ଦଳ ଦେଶରେ ସଚ୍ଚୋଟତାର କୁମ୍ଭୀର କାନ୍ଦଣା କାନ୍ଦେ, ଗଣମାଧ୍ୟମ ପଚାରୁଥିବା ପ୍ରଶ୍ନର ଉତ୍ତର ତାଙ୍କ ପାଖରେ ନାହିଁ

ଭୁବନେଶ୍ୱର,୦୯/୧୨ (ନି.ପ୍ର): ଓଡ଼ିଶାର ଜନତାଙ୍କ ଠାରୁ ହରିଲୁଟ ହେଉଥିବା ଅର୍ଥ ଗୋଟି ଗୋଟି କରି ଅସୁଲ କରାଯିବ, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହ ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ କିଛି ଦିନ ହେବ ଗଣମାଧ୍ୟମରେ ଶହ ଶହ କୋଟି ଟଙ୍କା ଜବତ ହେବା ଖବର ମୋତେ ବିସ୍ମିତ କରିଛି । କେନ୍ଦ୍ରୀୟ ସଂସ୍ଥାର ଚଢାଉ ଦ୍ୱାରା ଓଡ଼ିଶା ଭଳି ରାଜ୍ୟରୁ ଏକାସାଙ୍ଗରେ ଏତେ ପରିମାଣରେ ବେନାମୀ ଅର୍ଥ ଜବତ ହେବା ଚିନ୍ତାର ବିଷୟ । ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଭଳି ରାଜ୍ୟର କିଛି ବ୍ୟକ୍ତିଙ୍କ ଏହି ଟଙ୍କା ସହ ସମ୍ପର୍କ ଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ଓଡ଼ିଶାରେ ଏପରି ଘଟଣା କେବେ ଦେଖାଯାଇନଥିଲା । ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ବେନାମୀ ଧନର ମୂଳ ଉତ୍ସ କେଉଁଠି ? ଘଟଣାର ସତ୍ୟାସତ୍ୟ କଣ ? ଏହି ଟଙ୍କା କାହାର ? ଟଙ୍କା କେମିତି ଉପାର୍ଜନ ହେଲା ? ଓଡ଼ିଶାର ଅବକାରୀ ନୀତି ସହ ସମ୍ପର୍କ ଅଛି ନା ନାହିଁ ? ଏ ସବୁ ତଦନ୍ତ ସାପେକ୍ଷ । ଜବତ ହେଉଥିବା କଳାଧନ ସହ ଓଡ଼ିଶାର କିଛି ମୁଷ୍ଟିମେୟ ଲୋକମାନଙ୍କର ସମ୍ପର୍କ ଅଛି କି? ସଚ୍ଚୋଟତାର ଡିଣ୍ଡିମ ପିଟୁଥିବା କିଛି ଲୋକମାନେ ଏହି ଘଟଣାରେ ଚୁପ୍ କାହିଁକି ? ନୈତିକତାର କଥା କହୁଥିବା କିଛି ରାଜନୈତିକ ଦଳର ନେତାମାନେ ଏହି ଘଟଣାରେ ନୀରବ ଥିବାରୁ ସାଧାରଣ ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଯେଉଁ ରାଜନୈତିକ ଦଳର ବୋଲି ଖବର ଆସୁଛି, ସେହି ଦଳ ଦେଶରେ ସଚ୍ଚୋଟତାର କୁମ୍ଭୀର କାନ୍ଦଣା କାନ୍ଦେ । ଗଣମାଧ୍ୟମ ପଚାରୁଥିବା ପ୍ରଶ୍ନର ଉତ୍ତର ତାଙ୍କ ପାଖରେ ନାହିଁ । ଏବେ ଓଡ଼ିଶା ସମେତ ଦେଶର ଜନସାଧାରଣ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଭରସା କରୁଛନ୍ତି । ମୋଦି ସରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗୋଟି ଗୋଟି କରି ଜନତାଙ୍କ ଠାରୁ ହରିଲୁଟ୍ ହୋଇଥିବା ଅର୍ଥ ଅସୁଲ କରାଯିବା ସହ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି ବୋଲି ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି।

# ସିଟି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଜୟପୁର,୦୯/୧୨ (ନି.ପ୍ର): ସିଟି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏ. ଶ୍ରୀନିବାସ ରାଓ ମଶାଲ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ସ୍ଥାନୀୟ ଚୌଦଶ୍ୱରି ମନ୍ଦିରରୁ ଛାତ୍ରମାନେ ମଶାଲ ଧରି ସହର ପରିକ୍ରମା କରି ବିଦ୍ୟାଳୟରେ ପହଂଚି ଖେଳ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବି. ସୁଜାତା, କ୍ରୀଡା ଶିକ୍ଷୟତ୍ରୀ ରୀତା ସାମନ୍ତରାୟ, କୃଷ୍ଣ ଚନ୍ଦ୍ର ମୌଳି, କେ. ପଦ୍ମା, ବି. ଧର୍ମା ରାଓ, ସସ୍ମିତା ପାତ୍ର, ଟ୍ରଷ୍ଟ ସଭାପତି ବିରେଶ ପଟ୍ଟନାୟକ, ଅନ୍ୟ ସଭ୍ୟ ପି. ଶ୍ରୀନିବାସ ରାଜୁ, ଶିବ ପ୍ରସାଦ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ୧୦୦ ମିଟର ଦୌଡ, ରିଲେ, ଉଚ୍ଚା ଡିଆଁ, ଲମ୍ବ ଡିଆଁ, ଧୀର ସାଇକେଲ ରେସ, ସ୍କିପିଂ, କବାଡି, ଡିସ୍କସ ଥ୍ରୋ ରେ ଭାଗ ନେଇ ନିଜର ଉତ୍କର୍ଷ ପ୍ରତିପାଦନ କରିବେ। ଏହି ପ୍ରତିଯୋଗୀତା ଦୁଇ ଦିନ ଧରି ଚାଲିବ। ଶିକ୍ଷକ ପ୍ରତାପ ପଟ୍ଟନାୟକଙ୍କ ପୂର୍ଣ୍ଣ ସଂଯୋଜନାରେ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

Managing & Executive Editor : Srustidhar Parida
Editor: Sairindhree Sahoo